

ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ [illegible] କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ରୋମାନ୍ସବେଳେ ଗୁଳି ଫୁଟିବା ଘଟଣା
### ପ୍ରଥମ ପ୍ରେମିକ ପ୍ରଦୀପ ଗିରଫ

ଭୁବନେଶ୍ୱର, ୧୩।୨(ବ୍ୟୁରୋ): ଇନ୍‌ଫୋସିଟି ଥାନା ବଜରଙ୍ଗବିହାରସ୍ଥିତ ଭଡ଼ାଘରେ ରୋମାନ୍ସବେଳେ ଗୁଳିଫୁଟି ଜଣେ ଯୁବତୀ ଗୁରୁତର ଆହତ ହୋଇଥିଲେ। ଗୁରୁବାର ଯୁବତୀଙ୍କ ବୟାନ ଘଟଣାକୁ ଭିନ୍ନମୋଡ ଦେଇଛି। ଏହି ଆଧାରରେ ପୋଲିସକୁ ଭୁଆଁ ବୁଲାଇବା ପାଇଁ ନାଟକ ରଚିଥିବା ମୁଖ୍ୟ ଅଭିଯୁକ୍ତ ତଥା ଯୁବତୀଙ୍କ ପ୍ରଥମ ପ୍ରେମିକ ବାଲେଶ୍ୱରର ପ୍ରଦୀପ ଅଗସ୍ତିଙ୍କୁ ପୋଲିସ ଗିରଫ କରିଛି। ଆଇପିସି ଦଫା ୩୦୨, ଆର୍ମ୍ସ ଆକ୍ଟ ୨୭ ଓ ୨୦୧ରେ ପୋଲିସ ପ୍ରଦୀପଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ପୂର୍ବରୁ ଗିରଫ ହୋଇଥିବା ଅନ୍ୟତମ ପ୍ରେମିକ ଆଶିଷ କୁମାର ନାୟକଙ୍କ ୨ ଦିନିଆ ରିମାଣ୍ଡ ଶେଷ ହୋଇଛି। ହେଲେ ପୋଲିସ ବନ୍ଧୁକ ଜବତ କରି ପାରି ନ ଥିବାବେଳେ ଆଶିଷଙ୍କ ସହଯୋଗୀ ରାଜେଶଙ୍କଠାରୁ ତଥ୍ୟ ପାଇବାକୁ ଆଶା ରଖିଛି।

### ରାଜ୍ୟରେ 'ମଣ୍ଡଳ କମିଶନ' ସୁପାରିସ ଲାଗୁ କରାଯାଉ
#### -ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

ଭୁବନେଶ୍ୱର,୧୩।୨(ବ୍ୟୁରୋ)- ରାଜ୍ୟରେ ମଣ୍ଡଳ କମିଶନ ସୁପାରିସ ଲାଗୁ କରାଯାଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଚିଠି ଲେଖିଛନ୍ତି। ଶ୍ରୀକାନ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୫ବର୍ଷ ବିଳମ୍ବରେ ରାଜ୍ୟ ସରକାର ପଛୁଆବର୍ଗ କମିଶନ ଗଠନ କରିବାର ନିଷ୍ପତ୍ତି ନେଇଛନ୍ତି। ଏହା ରାଜ୍ୟର ୫୪% ଲୋକଙ୍କର ବିକାଶ ଓ ଅଧିକାର ପ୍ରତି ସରକାରଙ୍କର ଆନ୍ତରିକତା ପ୍ରକାଶ କରୁଛି। ପ୍ରଥମତଃ ପଛୁଆବର୍ଗଙ୍କର ୨୭% ସଂରକ୍ଷଣ ଶିକ୍ଷା ଓ ଚାକିରି କ୍ଷେତ୍ରରେ ତୁରନ୍ତ ଲାଗୁ କରାଯାଉ। ଦ୍ୱିତୀୟତଃ ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ୩୮.୫% ଉଚ୍ଚଶିକ୍ଷା (ମେଡିକାଲ, ଇଞ୍ଜିନିୟରିଂ) ସଂରକ୍ଷଣ ବ୍ୟବସ୍ଥା କରାଯାଉ। ଏହା ବହୁ ପୂର୍ବରୁ ହୋଇପାରି ନ ଥିବାରୁ ଏକ ବୃହତ ବର୍ଗ ଡାକ୍ତର ଏବଂ ଇଞ୍ଜିନିୟର ହେବାରୁ ବଞ୍ଚିତ ହୋଇଥିବା ଶ୍ରୀକାନ୍ତ କହିଛନ୍ତି। ସେହିଭଳି ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କୁହାଯାଇଛି, 'ସଂରକ୍ଷଣ ଏକ ମୌଳିକ ଅଧିକାର ନୁହେଁ', ରାଜ୍ୟ ଚାହିଁଲେ ଦେଇପାରିବେ ବା ନ ଦେଇପାରିବେ। ଏ ସମ୍ପର୍କରେ ରାଜ୍ୟ ସରକାର ଓ ଦଳର ମତ ସ୍ପଷ୍ଟ କରୁ ବୋଲି ଶ୍ରୀକାନ୍ତ କହିଛନ୍ତି।

### ସଂଗ୍ରାମୀଙ୍କ ଅବଦାନକୁ ଅନ୍ତରରେ ଉଜ୍ଜୀବିତ ରଖିବା ଜରୁରୀ
#### ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)- ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟାଳୟ ପରିସରରେ ରାଜ୍ୟ ସ୍କାଉଟ୍ସ ଗାଇଡ୍ସ ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଙ୍ଗଠନ ପକ୍ଷରୁ ଗତ ୧୧ ତାରିଖରୁ ଚାଲିଥିବା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୁନ୍ ଓ ପ୍ରଭାତଫେରି ପରେ ଅନ୍ତିମ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଉପରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏଭଳି ସମ୍ମିଳନୀ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ଅନ୍ତରରେ ଉଜ୍ଜୀବିତ କରି ସମାଜସେବାରେ ନିଜକୁ ସାମିଲ କରିବା ଜରୁରୀ ବୋଲି ଶତପଥୀ ଥିଲେ। ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଗଠନ ଅଧକ୍ଷ ତଥା ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବରୀ ବ୍ଲକ୍‌ର ପୂର୍ବତନ ଅଧକ୍ଷ ଗଗନ ଦେବ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନର ଉପସଭାପତି ସୀତାବଲ୍ଲଭ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସମ୍ପାଦକ ଶିବ ନାରାୟଣ ମିଶ୍ର, ସହସମ୍ପାଦକ ଋଷଭ ଘୋଷ ଏବଂ କୋଷାଧକ୍ଷ ଅରୁଣ ଜେନାଙ୍କ ସମେତ ସଦସ୍ୟ ମନିନ୍ଦ୍ର ସାମଲ, ବସନ୍ତ କୁମାର ଦାଶ, ରାମଚନ୍ଦ୍ର ସାହୁ, ବୈକୁଣ୍ଠ ମହାପାତ୍ର, ଅମ୍ବିକା ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିଙ୍କୁ ପ୍ରମାଣପତ୍ର ସହ ଫଳକ ପ୍ରଦାନ କରାଯାଇଥିଲା।

# ଧର୍ମ ନାଁରେ ବିଭାଜନ ଉଦ୍ୟମ କରୁଛି ଭାଜପା: ୟେଚୁରୀ

- ରାଜଧାନୀରେ ସିପିଆଇଏମ୍‌ର ନାଗରିକ ଅଧିକାର ସୁରକ୍ଷା ସମାବେଶ
- ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ଓଡ଼ିଶାରେ ଲାଗୁ କରା ନ ଯାଉ

ଭୁବନେଶ୍ୱର, ୧୩।୨(ବ୍ୟୁରୋ):

ଧର୍ମ ନାଁରେ ଭାଜପା ଭାରତକୁ ବିଭାଜନ ଉଦ୍ୟମ କରୁଛି ବୋଲି ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱରଠାରେ ଗୁରୁବାର ଅନୁଷ୍ଠିତ ସିପିଆଇଏମ୍‌ର ନାଗରିକ ଅଧିକାର ସମାବେଶରେ ଯୋଗଦେଇ ୟେଚୁରୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ, ବିଭିନ୍ନ ଧର୍ମଶାସ୍ତ୍ର ସମ୍ପୃକ୍ତ ଧର୍ମାବଲମ୍ବୀମାନଙ୍କୁ ଏକାଠି କରିଥାଏ। ମାତ୍ର ଭାରତରେ ୧୩୦ କୋଟି ଭାରତୀୟଙ୍କୁ ଏକାଠି କରିବାର ମହାନ୍ ଦଲିଲ ହେଉଛି ଭାରତର ସମ୍ବିଧାନ। ବିବିଧତା ମଧ୍ୟରେ ଏକତା, ଧର୍ମ ନିରପେକ୍ଷତା ଏବଂ ନାଗରିକାତା ଅଧିକାର ଆଦି ଆମ ସମ୍ବିଧାନରେ ଉଲ୍ଲେଖ ରହିଛି। ସମ୍ବିଧାନର ମୂଳଭିତ୍ତି ଏବଂ ବିଚାରକୁ ଆଘାତ କରି କୌଣସି ଆଇନ ସଂଶୋଧନ କଲେ ଦେଶବାସୀ ତାକୁ ଗ୍ରହଣ କରିବେ ନାହିଁ। ଆମେ ଜନଗଣନା ରେକର୍ଡକୁ ସମ୍ପୂର୍ଣ୍ଣ ସମ୍ମତି ପ୍ରଦାନ କରୁଛୁ। ମାତ୍ର ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)ର କୌଣସି ଜବାବ ଦିଆଯିବ ନାହିଁ। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପାଇଁ ଏନ୍‌ପିଆର ହେଉଛି ପ୍ରାଥମିକ ପଦକ୍ଷେପ। ଏନ୍‌ପିଆର୍‌ରେ ତଥ୍ୟ ନ ଦେଇ ପାରିଲେ ନାଗରିକତ୍ୱ ସଂଶୋଧନ ଆଇନ (ଏନ୍‌ଆର୍‌ସି ) ପ୍ରସ୍ତୁତବେଳେ ସେହି ନାଗରିକାଙ୍କୁ ନାଗରିକତା ଅଧିକାରରୁ ବଞ୍ଚିତ କରାଯିବ। ନାଗରିକ ସଂଶୋଧନ ଆଇନ ବଳରେ ୬ ଧର୍ମର ଲୋକ ନାଗରିକତ୍ୱ ପାଇବେ। କିନ୍ତୁ ମୁସଲମାନ ଧର୍ମାବଲମ୍ବୀଙ୍କ ସମେତ ଶ୍ରୀଲଙ୍କା, ତିବ୍ବତ, ଭୁଟାନ ଆଦି ଦେଶର ଶରଣାର୍ଥୀମାନେ ନାଗରିକତ୍ୱ ପାଇବେ ନାହିଁ ବୋଲି ସୀତାରାମ କହିଥିଲେ।

ଆହୁରି ପୁଣି ସେ କହିଲେ, ଆଫଗାନସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ଆସିଥିବା ହିନ୍ଦୁ, ଖ୍ରୀଷ୍ଟିଆନ, ଶିଖ, ଜୈନ, ପାର୍ସୀ, ବୌଦ୍ଧ ଧର୍ମାବଲମ୍ବୀ ଏନ୍‌ଆର୍‌ସିରେ ନାଗରିକତ୍ୱ ପାଇବେ। କିନ୍ତୁ ମୁସଲମାନ ସମ୍ପ୍ରଦାୟ ଏଥିରୁ ବଞ୍ଚିତ ହେବେ। ଏହାସହିତ ଭାରତ ଭଳି ଦେଶରେ ଅନୁସୂଚିତ ଜାତି ଜନଜାତି ଏବଂ ଅନେକ ଗରିବ ଶ୍ରେଣୀର ଲୋକଙ୍କ ପାଖରେ ବହୁବର୍ଷର ଦଲିଲ ନାହିଁ। ତେଣୁ ଏମାନେ ମଧ୍ୟ ନାଗରିକତା ହରାଇବେ। ଓଡିଶାରେ ଏନ୍‌ଆରସି ଓ ଏନ୍‌ପିଆର୍ ଲାଗୁ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଥିବା ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଏହା ଉପରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ୟେଚୁରୀ କହିଛନ୍ତି।

ସମାବେଶରେ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ଡିଜିପି ଅମିୟ ଭୂଷଣ ତ୍ରିପାଠୀ, ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଶିବାଜୀ ପଟ୍ଟନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ ଏହି ଆଇନର ତୀବ୍ର ବିରୋଧ କରିଥିଲେ।



ସମାବେଶରେ ଉପସ୍ଥିତ ସିପିଆଇଏମ୍ ନେତା ସୀତାରାମ ୟେଚୁରୀ ଓ ଅନ୍ୟ ଅତିଥି ।



ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

## ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ କଲା ବିଏମ୍‌ସି

- ନିୟୋଜିତ ହେବେ ୧୯୦୨ ଏନୋମରେଟର, ୩୧୮ ସୁପରଭାଇଜର
- ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ମୁଖ୍ୟ ଜନଗଣନା ଅଧିକାରୀ
- ୨୦ ଅର୍ବାନ ଆଉଟ୍‌ଗ୍ରୋଥ୍ ଭୁବନେଶ୍ୱର ସହ ମିଶିବ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଜନଗଣନା-୨୦୨୧ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଛି। ବିଭିନ୍ନ ବର୍ଗ ଓ ପାରିବାରିକ ସୂଚକକୁ ଗୁରୁତ୍ୱ ଦିଆଯାଇ ଜନଗଣନାକୁ ଲୋକାଭିମୁଖୀ କରିବ ବିଏମ୍‌ସି। ପର୍ଯ୍ୟାପ୍ତ ସୂଚନା ସଂଗ୍ରହ ନିମନ୍ତେ ବିଏମ୍‌ସି ଅଞ୍ଚଳରେ ସମୁଦାୟ ୧୯୦୨ଜଣ ଏନୋମରେଟର ଓ ୩୧୮ ସୁପରଭାଇଜର ନିୟୋଜିତ ହେବେ। ତେଣୁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ପ୍ରକ୍ରିୟା ଚାଲିଛି। ମୁଖ୍ୟ ଜନଗଣନା ଅଧିକାରୀ ଭାବେ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ଓ ସିଟି ଜନଗଣନା ଅଧିକାରୀ ଭାବେ ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କାର୍ଯ୍ୟ ନିର୍ବାହ କରୁଛନ୍ତି। ଏହି ଜନଗଣନାରେ ସମୁଦାୟ ୨୦ ଅର୍ବାନ ଆଉଟ୍‌ଗ୍ରୋଥ୍ ଭୁବନେଶ୍ୱର ସହ ମିଶିବାର ଯୋଜନା ରହିଛି ବୋଲି ଡେପୁଟି କମିଶନର ସେଠୀ କହିଛନ୍ତି। ଜନଗଣନା ବିଭାଗରୁ ଆସିଥିବା ପତ୍ରକୁ ଆଧାର କରି ବିଏମ୍‌ସି ଆବଶ୍ୟକ କର୍ମଚାରୀ ଯୋଗାଇ ଦେବାକୁ ମହିଳା ଓ ଶିଶୁ ବିକାଶ, ଶିକ୍ଷା, ବିଡିଏ ଆଦି ବିଭାଗକୁ ଚିଠି ଲେଖିଛି। ବର୍ତ୍ତମାନର ଆକଳନ ଅନୁସାରେ, ଭୁବନେଶ୍ୱରକୁ ୧୯୦୨ ଏନୁମରେଶନ ବ୍ଲକ୍‌ରେ ବିଭକ୍ତ କରାଯାଇ ଜନଗଣନା କରାଯିବ। ଆବଶ୍ୟକ ହେଲେ ଏହାର ସଂଖ୍ୟା ବୃଦ୍ଧି କରାଯିବ। ଜନଗଣନା ନିମନ୍ତେ ନ୍ୟାଶନାଲ ପପୁଲେଶନ ରେଜିଷ୍ଟର (ଏନ୍‌ପିଆର୍)କୁ ପାଥେୟ କରି ଗୃହ ତାଲିକା ଓ ଜନଗଣନା କରାଯିବ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

## ଗୀତା ମହାଲିକଙ୍କୁ ଲାସ୍ୟ ଲାବଣ୍ୟ ସମ୍ମାନ




ଓଡିଶୀ ମହୋତ୍ସବରେ ଅତିଥିମାନେ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୀତା ମହାଲିକଙ୍କୁ 'ଲାସ୍ୟ ଲାବଣ୍ୟ ସମ୍ମାନ'ରେ ସମ୍ମାନିତ କରୁଛନ୍ତି ।

### ଓଡ଼ିଶୀ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଦୁଇ ଦିନିଆ ଓଡ଼ିଶୀ ନୃତ୍ୟ ଉତ୍ସବ ସ୍ଥାନୀୟ ସୂଚନା ଭବନଠାରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଡି, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ରାମହରି ଦାସ ଓ ସଙ୍ଗୀତା ଗୋସାଇଁ, ନାଲ୍‌କୋ ନିର୍ଦ୍ଦେଶକ ରାଧାଶ୍ୟାମ ପାତ୍ର, ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ରାୟ ଓ ମୁଖ୍ୟ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୀତା ମହାଲିକଙ୍କୁ ଜୀବନବ୍ୟାପୀ ସାଧନା ପାଇଁ 'ଲାସ୍ୟ ଲାବଣ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଥମେ ଶିଳ୍ପୀ ଦୀପ୍ତି ରାଉତ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେ ମଙ୍ଗଳା ଚରଣରେ ବିଷ୍ଣୁ ସ୍ତୁତି ପରିବେଷଣ କରିଥିବା ବେଳେ ଗୁରୁ ପ୍ରଦୀପ କୁମାର ରାୟ ସଙ୍ଗୀତ ସଂଯୋଜନା ଓ ଗୁରୁ ଦୁର୍ଗାଚରଣ ରଣବୀର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ବନମାଳୀଙ୍କ ରଚନାରୁ କିଏ ଲୋ ସଜନୀ କେଳି କଦମ୍ବ ମୂଳେ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପଣ୍ଡିଚେରୀରୁ ଆସିଥିବା ନୃତ୍ୟଶିଳ୍ପୀ ଅନିଶ ରାଘବନ ଏକକ ନୃତ୍ୟରେ ଶିବ ସ୍ତୁତି ପରିବେଷଣ କରିଥିଲେ। ଦ୍ୱୈତ ନୃତ୍ୟରେ ରଶ୍ମିରଞ୍ଜନ ବାରିକ ଓ ତେଜସ୍ୱୀ ପଲାଇ କାଳୀ ସ୍ତୁତି ପରିବେଷଣ କରିଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଅନୁଷ୍ଠାନ ତ୍ରିଧାରା ପକ୍ଷରୁ ନୃତ୍ୟ ପରିବେଷିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।

### ନିଃଶବ୍ଦ ଘୁଙ୍ଗୁର...

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ନାଟ୍ୟାନୁଷ୍ଠାନ ପଞ୍ଚମବେଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ 'ପଞ୍ଚମବେଦ ସମ୍ମାନ-୨୦୨୦'ର ଗୁରୁବାର ଥିଲା ୪ର୍ଥ ସନ୍ଧ୍ୟା। ଏହିଅବସରରେ ବ୍ରହ୍ମପୁରର ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ନାଟକ 'ନିଃଶବ୍ଦ ଘୁଙ୍ଗୁର' ମଞ୍ଚସ୍ଥ ହୋଇଥିଲା। ନାରୀ ବ୍ୟତିରେକ ସୃଷ୍ଟି ଯେପରି ଅସମ୍ଭବ, ନାରୀ ବିନା ସମାଜ, ସାହିତ୍ୟ, ନାଟକ ସବୁ ଅପୂର୍ଣ୍ଣାଙ୍ଗ। ଜଣେ ନର୍ତ୍ତକୀ ବା ମଞ୍ଚ ଅଭିନେତ୍ରୀକୁ ଗୋଟିଏ ସାଧାରଣ ବା ସମ୍ଭ୍ରାନ୍ତ ପରିବାର ବୋହୂ ଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରେ। ତା'ର ଚରିତ୍ରକୁ ନେଇ 'ନିଃଶବ୍ଦ ଘୁଙ୍ଗୁର'ର କାହାଣୀ ରଚିତ। ନାଟକରେ ନିର୍ଦ୍ଦେଶନା ସତ୍ୟବ୍ରତ ଦାସ ଦେଇଥିବାବେଳେ ରଚନା କରିଥିଲେ ପଞ୍ଚାନନ ଦାସ। ବିଭିନ୍ନ ଭୂମିକାରେ ରାଧାକାନ୍ତ, ବାବାଜୀ, ସନ୍ଦୀପ, ବିଘ୍ନେଶ୍ୱର, ନରେନ୍ଦ୍ର, ଆରତୀ, ସସ୍ମିତା ଓ ଅଗମ୍ୟାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଅତିଥିଭାବେ 'ମୋ ପରିବାର' କାର୍ଯ୍ୟକ୍ରମ ଅଧକ୍ଷ ଅରୁପ ପଟ୍ଟନାୟକ, ସାମାଜିକ କର୍ମୀ ରୁଦ୍ର ସାମନ୍ତରାୟ, ନାଟ୍ୟକାର ଡ. ଉପେନ୍ଦ୍ର ନାୟକ, ନାଟ୍ୟକାର ପ୍ରଦୀପ ପଣ୍ଡା, ନରେନ୍ ସାହୁ, ଗୌର ଆଚାର୍ଯ୍ୟ ଓ କେ. ଚନ୍ଦ୍ରଶେଖର ସୁବୁଦ୍ଧି ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକାରୀ ସଭାପତି ହରେନ୍ ସାହୁ ଓ ସମ୍ପାଦକ ପ୍ରକାଶ ମହାରଣା ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା, ସଶକ୍ତୀକରଣରେ ସ୍ୱେଚ୍ଛାସେବୀଙ୍କ ଭୂମିକା ପ୍ରଶଂସନୀୟ

### ବଞ୍ଚିତ ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ 'ରୂପାନ୍ତର'

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସାମାଜିକ କର୍ମୀ, ଟ୍ରଷ୍ଟ ଏବଂ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ ବୋଲି ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ସୁବିଧାସୁଯୋଗରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ 'ରୂପାନ୍ତର'ରେ ଯୋଗଦେଇ ମନ୍ତ୍ରୀ ପଣ୍ଡା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଜୀବନଶୈଳୀ, ଦକ୍ଷତା ବୃଦ୍ଧି ଓ ପ୍ରତିଭା ବିକାଶ ତାଲିମ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଅନାଥାଶ୍ରମ, ଜନଜାତି ଛାତ୍ରାବାସ, ଶିକ୍ଷାନୁଷ୍ଠାନ ତଥା ସେଲ୍‌ଟର ହୋମ୍ ଓ ବସ୍ତି ଅଞ୍ଚଳରେ ଥିବା ପ୍ରାୟ ୨ ଶହ ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ୨୦ଜଣ ନିଜ ଅଭିଜ୍ଞତା ତଥା ପରିବର୍ତ୍ତନ ବାବଦରେ ମୁକ୍ତ ବକ୍ତବ୍ୟ ରଖିଥିଲେ।

ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଚିବ ନିରଞ୍ଜନ ରଥ, ପ୍ରମେୟର ଗ୍ରୁପ୍ ଏଡିଟର ଗୋପାଳକୃଷ୍ଣ ମହାପାତ୍ର ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଶିକ୍ଷକ, ପ୍ରଶିକ୍ଷିକା, ପୃଷ୍ଠପୋଷକ ତଥା ସହଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ମଧ୍ୟ ଲୋକାର୍ପିତ ହୋଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ 'ହ୍ୟୁମାନ୍ ପୋଟେନ୍ସିଆଲ୍ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରାଜକୁମାର ସୂତାର ଅଧ୍ୟକ୍ଷତା କରି ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର, ଦାମନଯୋଡି ଓ ରାଜନଗର ଅଞ୍ଚଳରେ ମୋଟ ୩୬୨ ଜଣ ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିତ୍ୱ ବିକାଶ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ। ପ୍ରମୁଖ ଟ୍ରଷ୍ଟି ତଥା ବିଶିଷ୍ଟ ପ୍ରେରଣାଦାୟୀ ପ୍ରଶିକ୍ଷକ ହରପ୍ରସନ୍ନ ଦାସ, ମୁଖ୍ୟ ପୃଷ୍ଠପୋଷକ ଶିବ ପ୍ରସାଦ ପଣ୍ଡା, କର୍ମକର୍ତ୍ତା କୀର୍ତ୍ତି ଦାସ, ସୁସ୍ମିତା ଦାସ ଏବଂ ଅଭିଳାଷା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ୟକ୍ତିତ୍ୱ ବିକାଶ ଉପରେ ଏକ ବୃତ୍ତଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା।

## ବିଓସି ବୁଲିଲେ ଆଇଏଏସ୍ ମହାରାଷ୍ଟ୍ର କ୍ୟାଡର ପ୍ରତିନିଧି ଦଳ



ମହାରାଷ୍ଟ୍ର କ୍ୟାଡର ପ୍ରତିନିଧିଦଳ ବିଓସି ବୁଲି ଦେଖୁଛନ୍ତି ।

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଟ୍ (ବିଏସ୍‌ସିଏଲ)ର କମାଣ୍ଡ ତଥା ପରିଚାଳନା ଅଫିସ କୁହାଯାଉଥିବା ଭୁବନେଶ୍ୱର ଅପରେଶନ ସେଣ୍ଟର(ବିଓସି) ବୁଲି ଦେଖିଛନ୍ତି ୨୦୧୮ ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ପ୍ରତିନିଧି ଦଳ। ୭ ଜଣିଆ ପ୍ରତିନିଧି ଦଳ ଗୁରୁବାର ବିଏସ୍‌ସିଏଲର ବିଭିନ୍ନ ପ୍ରକଳ୍ପ ଉପରେ ପଚାରି ବୁଝିବା ସହ ଭୁବନେଶ୍ୱରରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ, ସିଟି ପ୍ଲାନ ଆଦି ବିଷୟରେ ଆଲୋଚନା କରିଛନ୍ତି।

ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନା ପକ୍ଷରୁ ଆସିଥିବା ଏହି ପ୍ରତିନିଧି ଦଳ ବିଏସ୍‌ସିଏଲ ଏବଂ ବିଓସି ପରିଦର୍ଶନ କରିଥିଲେ। ସେମାନେ ବିଶେଷକରି ସ୍ମାର୍ଟ ସିଟି ଏବଂ ବସ୍ତିର ବିକାଶ ଉପରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ବୁଲି ଦେଖିବା ପରେ କହିଥିଲେ, ଆମେ ଏକ ଭାରତ ଶ୍ରେଷ୍ଠ ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସ୍ଥାନ ବୁଲିଛୁ ଏବଂ ଦେଖିଛୁ। ହେଲେ ଭୁବନେଶ୍ୱର ବସ୍ତିରେ ରହୁଥିବା ଲୋକ ତଥା ଯୁବପିଢିଙ୍କ ଜୀବନଶୈଳୀ ସ୍ୱତନ୍ତ୍ର। ସେମାନେ ଭୁବନେଶ୍ୱରର ଟ୍ରାଫିକ୍ ପରିଚାଳନା କ୍ଷେତ୍ରରେ ଆଇଟି ଉପରେ କରାଯାଇଥିବା କାର୍ଯ୍ୟ, କମନ୍ ପେମେଣ୍ଟ କାର୍ଡ, ଗାଡି ଟ୍ରାକିଂ ଆଦି ପ୍ରକଳ୍ପକୁ ସେମାନେ ପ୍ରଶଂସା କରିଥିଲେ। ପ୍ରଥମେ ଏହି ପ୍ରତିନିଧି ଦଳ ବିଓସି ବୁଲି ଦେଖିବା ପାଇଁ ଥିବା ଭିଜିଟ୍ ଫି ପ୍ରଦାନ କରିବା ପରେ ଭିତରକୁ ଯାଇ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ବୁଲି ଦେଖିଥିଲେ। ଏଥିସହ ସେମାନେ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଆଇଟି ଉପରେ ଆଧାରିତ ଭବିଷ୍ୟତର ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଏହି ଦଳରେ ବିଏସ୍‌ସିଏଲର ଜିଏମ୍ କମଲଜିତ୍ ଦାସ, ଶେଷଦେବ ପଣ୍ଡା, ଅଶ୍ୱିନୀ କୁମାର ବିଶ୍ୱାଳ, ମୁଖ୍ୟ ଅର୍ଥ ଅଧିକାରୀ ମନୋରଞ୍ଜନ ସାମନ୍ତରାୟ, କମ୍ପାନୀ ସେକ୍ରେଟାରୀ ଅଜୟ କୁମାର ମାଝି ଉପସ୍ଥିତ ଥିଲେ। ସେମାନେ ଭୁବନେଶ୍ୱର ପାଇଁ ଥିବା ସେମାନଙ୍କର କିଛି ଭଲ ପ୍ରକଳ୍ପର ଯୋଜନା ଉପରେ ଆଲୋଚନା କରିଥିବା ସ୍ମାର୍ଟସିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଗୁରୁବାର ସୂଚନା ଦିଆଯାଇଛି।

## କଲ୍‌ସେଣ୍ଟର୍‌ରୁ ୪୩,୨୩୨ ଚାଷୀଙ୍କୁ ଫୋନ ଯୋଗେ ସମ୍ପର୍କ

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)-ରାଜ୍ୟ ସରକାରଙ୍କ '୫-ଟି' ଅଧୀନ 'ମୋ ସରକାର' କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇ ଚାଷୀମାନଙ୍କ ସହ ଯୋଗାଯୋଗ କରି ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପର୍କୀତ ମତାମତ ସଂଗ୍ରହ କରାଯାଉଛି। ଡିସେମ୍ବର ୧ରୁ ଫେବୃୟାରୀ ୧୩ ମଧ୍ୟରେ କଲ୍‌ସେଣ୍ଟରରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀମାନେ ରାଜ୍ୟର ୪୩,୨୩୨ ଚାଷୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୨,୨୦୭ ଚାଷୀ ନିର୍ଦ୍ଧାରିତ ସମୟରେ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଧାନ ବିକ୍ରିଲବ୍ଧ ଅର୍ଥ ପାଇଥିବା ଗୁରୁବାର ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି।

## କଟକରୁ ସ୍ଥାନାନ୍ତର ହେବ ମଧୁସୂଦନ ଆଇଟିଆଇ

- ଏସ୍‌ସିବି ମେଡିକାଲକୁ ମିଳିବ ନୂଆ ରୂପ
- ଚୌଦ୍ୱାରରେ ଚିହ୍ନଟ ହୋଇଛି ଜାଗା
- କଟକକୁ ଶ୍ରୀହୀନ କରିବା ପାଇଁ ଚକ୍ରାନ୍ତ

କଟକ ଅଫିସ,୧୩।୨

କଟକ ଏସ୍‌ସିବି ମେଡିକାଲକୁ ନୂଆ ରୂପ ଦେବା ସହ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଣୁ ଏହାର ଆଖପାଖ ଅଞ୍ଚଳରୁ ଘର, ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏହି କ୍ରମରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ହେଲେ ନୂଆ ଜାଗାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

କଟକ ଜିଲାର ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୦ ମସିହାରେ ବୋସ୍ କ୍ୟାମ୍ପସଠାରେ ଏକ ସରକାରୀ ସିଲେଇ ତାଲିମ କେନ୍ଦ୍ର ଖୋଲାଯାଇଥିଲା। ୨୦୦୯ରେ ଏହାର ଭିତ୍ତିଭୂମି ଏବଂ ବୈଷୟିକ ଉନ୍ନତୀକରଣ କରାଯାଇ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନ ନାମରେ ନାମିତ କରାଯାଇଥିଲା। ଶିଳ୍ପ ତାଲିମ ବ୍ୟବସ୍ଥା ପରଠୁ ଏଠାରେ ଶିକ୍ଷା ଗ୍ରହଣ କରିଥିବା ଅନେକ ଉଦୀୟମାନ ଛାତ୍ରୀଛାତ୍ର ଦେଶର ବଡ଼ ବଡ଼ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ଏହି ଶିକ୍ଷାନୁଷ୍ଠାନ। ବର୍ତ୍ତମାନ ଏଠାରେ ଇଲେକ୍ଟ୍ରୋନିକ୍ସ, ଫିଟର୍, ଇଲେକ୍ଟ୍ରିସିଆନ, ଡ୍ରେସ୍ ମେକିଂ, ସିୱିଙ୍ଗ୍ ଟେକ୍ନୋଲୋଜି ଏବଂ ଡ୍ରାଫ୍ଟସ ମ୍ୟାନ୍ ସିଭିଲ୍ ଭଳି ୬ଟି ଟ୍ରେଡ୍‌ରେ ୧୮୯ଟି ସିଟ୍ ରହିଛି।

ଏବେ ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ ପାଇଁ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ତେବେ ଏହି ଅନୁଷ୍ଠାନ କେଉଁଠାକୁ ଘୁଞ୍ଚିବ ସେନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ତେବେ ଏହା ପାରାଦୀପକୁ ସ୍ଥାନାନ୍ତର ହେବା ଆଶଙ୍କା ରହିଛି ବୋଲି କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ମହାସଭା ସଭାପତି ଡା. ରବି ରଞ୍ଜନ ସାହୁ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି, ଏବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ବହନ କରୁଥିବା ମଧୁସୂଦନ ଆଇଟିଆଇ ପାରାଦୀପକୁ ସ୍ଥାନାନ୍ତର କରାଯିବା ପାଇଁ ଖୁବ୍ ଜୋରରେ ପ୍ରଶାସନିକ ସ୍ତରରେ ଉଦ୍ୟମ ଚାଲିଛି। ଆସନ୍ତା ଶିକ୍ଷା ବର୍ଷଠାରୁ ଏହି କେନ୍ଦ୍ର ପାରାଦୀପକୁ ସ୍ଥାନାନ୍ତର ହେବା ଆଶଙ୍କା ପ୍ରକାଶ ପାଇଛି। ଏସ୍‌ସିବି ମେଡିକାଲ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଉକ୍ତ ଅନୁଷ୍ଠାନ ସ୍ଥାନାନ୍ତର ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା କଟକର ସ୍ୱାଭିମାନ ଓ ସଂସ୍କୃତି ପ୍ରତି ଚରମ କୁଠାରାଘାତ ବୋଲି ସେ କହିଛନ୍ତି। ଏହି କ୍ରମରେ କଟକକୁ ଶ୍ରୀହୀନ କରିବା ପାଇଁ ସରକାରୀ ଅଧିକାରୀମାନଙ୍କର ଯେଉଁ ଚକ୍ରାନ୍ତ ଆରମ୍ଭ ହୋଇଛି, ତାହାକୁ ପ୍ରତିହତ କରାଯିବା ନିହାତି ଆବଶ୍ୟକ। ଏହା ନ ହେଲେ ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ଓ ବାଣିଜ୍ୟର ସ୍ନାୟୁକେନ୍ଦ୍ର କଟକ କେବଳ ଇତିହାସରେ ରହିବା ସହ ଏହାର ଭୌଗୋଳିକ ପରିସୀମା ସଙ୍କୁଚିତ ହୋଇଯିବ ବୋଲି ଡା. ସାହୁ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଦୃଷ୍ଟିରୁ ଉକ୍ତ ଅନୁଷ୍ଠାନ ଅନ୍ୟତ୍ର ସ୍ଥାନାନ୍ତର ନ କରି କଟକରେ ପୂର୍ବ ଭଳି କାର୍ଯ୍ୟ କରିବା ପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ଅନୁଷ୍ଠାନର ଅଧକ୍ଷ ଇଂ. ଶିଶିର କୁମାର ସାହୁ କହିଛନ୍ତି, ଶିକ୍ଷାନୁଷ୍ଠାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ତିନୋଟି ଜାଗା ଦେଖା ହୋଇଛି। ଚୌଦ୍ୱାରଠାରେ ଚିହ୍ନଟ ହୋଇଥିବା ଜାଗାକୁ ସ୍ଥାନାନ୍ତର ହେବାର ସମ୍ଭାବନା ଅଧିକ ରହିଛି। କିନ୍ତୁ ପାରାଦୀପକୁ ଆଦୌ ସ୍ଥାନାନ୍ତର କରାଯିବ ନାହିଁ। ସେଠାରେ ଆଉ ଏକ ଆଇଟିଆଇ ନିର୍ମାଣ ହେଉଥିବା ଯୋଗୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ସେ କହିଛନ୍ତି।





ଯେଉଁମାନେ ଦେଖିଶୁଣି ସମାଜରେ ଅନ୍ୟାୟକୁ ନୀରବରେ ସହିଯାଆନ୍ତି, ସେଇମାନେ ହିଁ ଭବିଷ୍ୟତରେ ଅନ୍ୟାୟ କାର୍ଯ୍ୟ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାନ୍ତି। -ଷ୍ଟାଲିନ୍



ଆଜି ଭାଲେଣ୍ଟାଇନ୍ସ ଡେ

# ଏଥର ହେବନି ବିରୋଧ

## କେବଳ ସଚେତନତା

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ନା ହେବ ବିରୋଧ ନା କିଏ କରିବ ପ୍ରତିବାଦ। ଏଥର ପ୍ରେମ ଦିବସରେ ମନେପଡ଼ିବେ ଶହୀଦ ଯବାନମାନେ। ପାର୍କ ହେଉ କି ପର୍ଯ୍ୟଟନସ୍ଥଳୀ, କେଉଁଠି ବି ପ୍ରେମୀଯୁଗଳଙ୍କୁ ବିରୋଧ କରାଯିବ ନାହିଁ ବରଂ ସଚେତନ କରାଯିବ। ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ କରୁଥିବା ପ୍ରତ୍ୟେକ ଗୋଷ୍ଠୀ ଚଳିତବର୍ଷ ଅମର ଯବାନମାନଙ୍କୁ ମନେପକାଇବା ପାଇଁ ଯୁବପିଢ଼ିଙ୍କୁ ବୁଝାଇବେ। ଗତବର୍ଷ ଅର୍ଥାତ୍ ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସାରା ଦେଶରେ ଏନେଇ ଶୋକର ଛାୟା ଖେଳିଯାଇଥିଲା। ଏଥର ସେହି ଅମର ବୀରମାନଙ୍କ ଉଦ୍ଦେଶ୍ୟରେ ଫେବୃୟାରୀ ୧୪କୁ ସମର୍ପଣ କରାଯିବ। ସେହି ବୀର ଯବାନଙ୍କୁ ମନେପକାଇ ପ୍ରେମ ଦିବସ ପାଳନ କରିବାକୁ ଯୁବପିଢ଼ିଙ୍କୁ ବାର୍ତ୍ତାଦେବ ଭାଲେଣ୍ଟାଇନ୍ସ ଡେ'ର ଦୁଇ ମୁଖ୍ୟ ବିରୋଧୀ ଗୋଷ୍ଠୀ କଳିଙ୍ଗ ସେନା ଏବଂ ବଜରଙ୍ଗ ଦଳ। ଏନେଇ ଦୁଇ ଦଳ ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ।

ପ୍ରେମର ମାସ ଫେବୃୟାରୀ, ପୁଣି ପ୍ରେମ ସପ୍ତାହ ଏବଂ ଏହାପରେ ପ୍ରେମର ଦିନ ଭାଲେଣ୍ଟାଇନ୍ସ ଡେ'। ଫେବୃୟାରୀ ୭ ରୋଜ୍ ଡେ'ରୁ ଆରମ୍ଭ ହୋଇଥିବା ଭାଲେଣ୍ଟାଇନ୍ସ ସପ୍ତାହ ଶେଷ ହେବ ଭାଲେଣ୍ଟାଇନ୍ସ ଡେ'ରେ। ପ୍ରେମୀଯୁଗଳମାନେ ପ୍ରେମର ଦିନକୁ ସେଲିବ୍ରେଟ କରିବାକୁ ବର୍ଷେ କାଳ ଅପେକ୍ଷା କରିଥାନ୍ତି। ପ୍ରେମ-ପକ୍ଷୀମାନେ ନିଆରା ଭାବରେ ଭାଲେଣ୍ଟାଇନ୍ସ ଡେ'କୁ ପାଳନ କରି ଚିରସ୍ମରଣୀୟ କରିବାକୁ ଯୁବପିଢ଼ି ଉତ୍ସାହର ସହ ପ୍ରସ୍ତୁତି କରିଥାନ୍ତି। ହେଲେ ଡର ଥାଏ 'ଭାଲେଣ୍ଟାଇନ୍ସ ଡେ' ବିରୋଧୀଙ୍କୁ। ହେଲେ ଏଥର କିନ୍ତୁ ସେଭଳି କିଛି ଭୟ କରିବାର ନାହିଁ। ଭାଲେଣ୍ଟାଇନ୍ସ ଡେ'ରେ ପାର୍କ, ସିନେମା ହଲ ଏବଂ ଶପିଂ ମଲ୍‌ରେ ପହଞ୍ଚି ପ୍ରେମୀଯୁଗଳଙ୍କୁ





ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦିନଟିକୁ ଉତ୍ସର୍ଗ କରିବ ବୋଲି କହିଛି। ଇନ୍ଦିରା ଗାନ୍ଧୀ ପାର୍କ ସାମ୍ନାରେ ସେନା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯିବ ବୋଲି ସଭାପତି ହେମନ୍ତ ରଥ କହିଛନ୍ତି। ବିରୋଧ ନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏହି ଦିବସ ପାଳନ କରିବାକୁ ଯୁବପିଢ଼ିଙ୍କୁ

### ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ ଯୁବପିଢ଼ିଙ୍କୁ କରିବେ ସଚେତନ



ଫଟୋ: ବିକାଶ ନାୟକ

ସଚେତନ କରାଯିବ ବୋଲି ସେ ଜଣାଇଛନ୍ତି। ସେହିଭଳି ବଜରଙ୍ଗ ଦଳ ମଧ୍ୟ ଏଥର କୌଣସି ପ୍ରକାର ବିରୋଧାତ୍ମକ କାର୍ଯ୍ୟକ୍ରମ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଦଳ ଏହାକୁ ଶହୀଦ

କୌଣସି ପ୍ରକାର ବିରୋଧ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି କଳିଙ୍ଗ ସେନା ଓ ବଜରଙ୍ଗ ଦଳ। ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ପ୍ରେମ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରେମ ଦିବସ ନୁହେଁ, ବରଂ ଶହୀଦମାନଙ୍କ ଦିବସଭାବେ ଏହାକୁ ପାଳନ କରାଯିବ। ଗତବର୍ଷ କୌଣସି ପ୍ରେମୀଙ୍କୁ ଏକାଠି କିମ୍ବା ଅସଂଯତ ବ୍ୟବହାର ପ୍ରଦର୍ଶନ କରୁଥିବା ଦେଖିଲେ ଦେହରେ ବିଛୁଆତି ଓ ବାଇଡଙ୍କ ଲଗାଇବାକୁ ଧମକ ଦେଇଥିବା କଳିଙ୍ଗ ସେନା ଏଥର ପୁଲ୍‌ୱାମା ଦିବସଭାବେ ପାଳନ କରିବ। ଏହା ସହ ମାଷ୍ଟରକ୍ୟାଣ୍ଟିନଠାରେ ପ୍ରଦୀପ ପ୍ରଜ୍ୱଳନ କରି ଅମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ ବୋଲି ଦଳର ଜିଲା ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ କହିଛନ୍ତି।

### ପାର୍କ, ମଲ୍‌ରେ ମୁତୟନ ହେବେ ପୋଲିସ ଫୋର୍ସ

ଭୁବନେଶ୍ୱର,୧୩।୨(ବ୍ୟୁରେ)

ଭାଲେଣ୍ଟାଇନ ଡେ'ରେ ରାଜଧାନୀର ସମସ୍ତ ପାର୍କ, ଶପିଂ ମଲ, ପ୍ରେକ୍ଷାଳୟ ଆଦି ଖୋଲା ରହିବ। ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଦେଇ ଶାନ୍ତିଶୃଙ୍ଖଳା ଓ ଖୁସିର ସହ ଏହି ଦିବସକୁ ପାଳନ କରିବାକୁ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ପରାମର୍ଶ ଦେଇଛନ୍ତି। ସେହ କହିଛନ୍ତି ଯେ, ଏକାମ୍ର ପାର୍କ, ଇନ୍ଦିରାଗାନ୍ଧୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ବଟାନିକାଲ ଗାର୍ଡେନ, ଜୟଦେବ ବାଟିକା, ଖଣ୍ଡଗିରି ଓ ଉଦୟଗିରି ପାହାଡ଼, ଶିଖରଚଣ୍ଡୀ ମନ୍ଦିର ସମେତ ଆଇନକ୍ସ ଓ ଏସପ୍ଲାନେଡ ମଲ୍‌ରେ ସ୍ଥାନୀୟ ଥାନା ପୋଲିସ ସହ ଆବଶ୍ୟକ ଫୋର୍ସ ମୁତୟନ ରହିବେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି କଲେ, ଅସାମାଜିକ କାର୍ଯ୍ୟକଳାପ ଘଟାଇଲେ ଓ ବଳପୂର୍ବକ ଆଇନକୁ ହାତକୁ ନେଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡଙ୍ଗୀ କହିଛନ୍ତି।



# ଅନ୍ତର୍ଜାତୀୟ ରେଡିଓ ମେଳା ଆରମ୍ଭ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ବିଶ୍ୱ ରେଡିଓ ଦିବସ ଅବସରରେ ଆଉଟ୍‌ରିଚ୍ ପକ୍ଷରୁ ୬ଷ୍ଠ ଅନ୍ତର୍ଜାତୀୟ ରେଡିଓ ମେଳା ଗୁରୁବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି, ରେଡିଓ ଚକୋଲେଟ୍ କାର୍ଯ୍ୟକାରୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ଏବଂ ଆଉଟ୍‌ରିଚ୍ ମୁଖ୍ୟ ସୁବ୍ରତ କୁମାର ପତି ପ୍ରମୁଖ ଯୋଗଦେଇ ଏହି ଦୁଇଦିନିଆ ମେଳାକୁ ଉଦ୍‌ଘାଟନ କରିଥିଲେ। ଦେଶ ବିଦେଶର ବହୁ ରେଡିଓ ଷ୍ଟେଶନ ଏଥିରେ ସାମିଲ ହୋଇଥିବାବେଳେ ଶହ ଶହ ସଂଖ୍ୟାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ୍, ହାମ୍ ରେଡିଓ ପ୍ରଦର୍ଶନୀ ମେଳାର ଆକର୍ଷଣ ସାଜିଛି। ସୁଦୂର ଜାପାନ, ବାଂଲାଦେଶ ପରି ଦେଶର ରେଡିଓ ଷ୍ଟେଶନ ଏଥର ରେଡିଓ ମେଳାରେ ସାମିଲ ହୋଇଛନ୍ତି। ସେହିଭଳି ବିଗ୍ ଏଫ୍‌ଏମ୍, ରେଡିଓ ଚକୋଲେଟ୍, ତରଙ୍ଗ ଏଫ୍‌ଏମ୍, ରେଡିଓ ଭୁବନେଶ୍ୱର, ଆସାମର ରେଡିଓ ବ୍ରହ୍ମପୁତ୍ର ସମେତ ବିଭିନ୍ନ ଭାରତୀୟ ରେଡିଓ ଚ୍ୟାନେଲ ମେଳାରେ ନିଜର ଷ୍ଟଲ୍ ପ୍ରଦର୍ଶନ କରିଛନ୍ତି। ବାଂଲାଦେଶ, ତ୍ରିପୁରା, ଆସାମ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଦିଲ୍ଲୀରୁ ଅନେକ ଶ୍ରୋତା ଓ ରେଡିଓପ୍ରେମୀଙ୍କୁ ଏଠାରେ ଦେଖିବାକୁ ମିଳିଥିଲା।

ଚଳିତବର୍ଷ ବିଭିନ୍ନ ରାଜ୍ୟର ଲାଇସେନ୍ସପ୍ରାପ୍ତ ହାମ୍ ରେଡିଓ ଅପରେଟର ମେଳାରେ ଅଂଶଗ୍ରହଣ କରିଛନ୍ତି। ଏମାନେ ହାମ୍ ରେଡିଓ ସମେତ ଏମରଜେନ୍ସି ରେଡିଓ ପ୍ରଦର୍ଶନୀ କରିଥିବା ଦେଖିବାକୁ ମିଳିଥିଲା। ଅନ୍ତର୍ଜାତୀୟସ୍ତରରେ ଏ ସମ୍ପର୍କିତ ଜ୍ଞାନକୌଶଳ ଓ ପରାମର୍ଶ ଦେଉଥିବା ସଂସ୍ଥା ବେସିଲ୍ ରେଡିଓ ପକ୍ଷରୁ ମେଳା ପରିସରରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍‌ରେ ଏକ ଡେମୋ ରେଡିଓ ଷ୍ଟୁଡିଓ କରାଯାଇଥିବାବେଳେ ଆଗ୍ରହୀ ବ୍ୟକ୍ତିବିଶେଷ ତଥା ସଂସ୍ଥାଗୁଡ଼ିକୁ କମ୍ୟୁନିଟି ରେଡିଓ ଷ୍ଟେଶନ ତିଆରି କରିବା ପାଇଁ ଏଠାରେ ଆବଶ୍ୟକ ସୂଚନା ଦିଆଯାଉଛି। ଦେଶର ଅନ୍ୟତମ ଲୋକପ୍ରିୟ ରେଡିଓ ଜକି ତଥା ମାଇଁ ଏଫ୍‌ଏମ୍ ଜୟପୁରର ଆର୍‌.ଜେ. କାର୍ତ୍ତିକ ଏଥର ମେଳାର ଆକର୍ଷଣ ସାଜିଥିଲେ। ରେଡିଓରେ କ୍ୟାରିୟର୍ କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେବାସହ ରେଡିଓ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ୨୦୧୯ ପାଇଁ ଆର୍‌.ଜେ. କାର୍ତ୍ତିକଙ୍କୁ ଲୋକପ୍ରିୟ ରେଡିଓ ପ୍ରସାରକଭାବେ ଆଉଟ୍‌ରିଚ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେହିଭଳି ପଶ୍ଚିମବଙ୍ଗର ସିଦ୍ଧାର୍ଥ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଶ୍ରୋତା ଓ ଆସାମର ରେଡିଓ ବ୍ରହ୍ମପୁତ୍ରକୁ ଶ୍ରେଷ୍ଠ କମ୍ୟୁନିଟି ରେଡିଓ ଭାବେ ସମ୍ମାନିତ କରାଯାଇଥିଲା।

### ଆକର୍ଷଣ ସାଜିଛି ଭିଣ୍ଟେଜ୍ ରେଡିଓ

ରେଡିଓ ମେଳାର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଶହ ଶହ ସଂଖ୍ୟାରେ ପ୍ରଦର୍ଶିତ ହୋଇଥିବା ଭିଣ୍ଟେଜ୍ ବା ପୁରୁଣା ରେଡିଓ। ବୋଲଗଡ଼ର ଅକ୍ଷୟ ପଟ୍ଟନାୟକ, ଭୁବନେଶ୍ୱରର ସଞ୍ଜୀବ ମାନା, କଟକର କାଳୀପ୍ରସନ୍ନ ପଣ୍ଡା ଓ ସନ୍ତୋଷ ବିଶ୍ୱାଳ ୪ ହଜାରରୁ ଅଧିକ ପୁରାତନ ଏବଂ ବିରଳ ରେଡିଓ ଏଠାରେ ପ୍ରଦର୍ଶିତ କରିଛନ୍ତି। ସେହିଭଳି ପ୍ରତିବର୍ଷ ଭଳି ଏଥର ମଧ୍ୟ ମେଳାରେ ବିଭିନ୍ନ ପ୍ରକାର ରେଡିଓ ସେଟ୍ ବିକ୍ରି କରାଯାଉଛି। ବଜାରରେ ସାଧାରଣତଃ ଏହି ରେଡିଓ ମିଳୁ ନ ଥିବାବେଳେ ଏଠାରେ ପର୍ଯ୍ୟାପ୍ତ ପରିମାଣରେ ବିକ୍ରି ହେଉଛି। ଏହାସହ ମେଳାରେ ଏକ ଷ୍ଟଲ୍‌ରେ ତିଆରି ହେଉଛି ହାତ ତିଆରି ରେଡିଓ। ଭୁବନେଶ୍ୱରର ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଏକ ଷ୍ଟଲ୍‌ରେ କଷ୍ଟମାଇଜ୍‌ଡ ରେଡିଓ ବିକ୍ରି କରୁଛନ୍ତି।



ରେଡିଓପ୍ରେମୀମାନେ ପ୍ରଦର୍ଶିତ ରେଡିଓ ସମ୍ପର୍କରେ ପଚାରି ବୁଝୁଛନ୍ତି।



ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ରେଡିଓ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।



# ମଡେଲିଂରେ ଓଡ଼ିଶା ପାଇଁ ଗୌରବ ଆଣିଲେ ଡାକ୍ତର ପ୍ରୀତମ

ପିପିଲି, ୧୩।୨(ଡି.ଏନ୍.ଏ.)

ଡାକ୍ତର ପ୍ରୀତମ୍ ବାଗ। ପେସାରେ ଜଣେ ଡାକ୍ତର ହୋଇଥିବାବେଳେ ମଡେଲିଂରେ ବି ରୁଚି ରଖନ୍ତି। ସମ୍ପ୍ରତି ସେ ପିପିଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ। ରୋଗୀସେବା ସହ ମଡେଲିଂ ମଧ୍ୟ କରନ୍ତି। ମଡେଲିଂ କ୍ଷେତ୍ରରେ ସେ ସଫଳତା ପାଇପାରିଛନ୍ତି। ଚଳିତ ମାସ ୧ରୁ ୫ତାରିଖ ପର୍ଯ୍ୟନ୍ତ ନେପାଳର ଚିତୱାନରେ ମଞ୍ଜରୀ ଗ୍ରୁପ୍ ଦ୍ୱାରା ଅନୁଷ୍ଠିତ ମିଷ୍ଟର ଏସିଆ-୨୦୨୦ ପ୍ରତିଯୋଗିତାରେ ପ୍ରୀତମ ଯୋଗଦେଇ ଓଡ଼ିଶା ଏବଂ ଭାରତ ପାଇଁ ମିଷ୍ଟର ଏସିଆ ପିସ୍-୨୦୨୦ ଏବଂ ମିଷ୍ଟର ଏସିଆ ସୋସିଆଲ-୨୦୨୦ ଟାଇଟଲ ହାସଲ କରିଛନ୍ତି। ମିଷ୍ଟର ପର୍ସନାଲିଟିରେ ସ୍ୱର୍ଣ୍ଣପଦକ, ସୁନ୍ଦର କଷ୍ଟ୍ୟୁମରେ ରନର୍ସ ଅପ୍ ହୋଇ ରୌପ୍ୟପଦକ ଏବଂ ନିଜ ପ୍ରତିଭା ପାଇଁ ରନର୍ସ ଅପ୍ ହୋଇ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରୀତମ ଓଡ଼ିଶାର ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ । ବିଶ୍ୱର ୭ଟି ଦେଶର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଭାରତରୁ ମୋଟ ୫ଜଣ ଏବଂ ପୂର୍ବଭାରତ ତଥା ଓଡ଼ିଶାରୁ କେବଳ ପ୍ରୀତମ୍ ହିଁ ଭାଗ ନେଇଥିଲେ। ନିଜର ସଫଳତା ପାଇଁ ସେ ଜାତୀୟସ୍ତରର ନିର୍ଦ୍ଦେଶକ ଅମର ସାମୁ ସୋନାୱାନେଙ୍କୁ କୃତଜ୍ଞତା ଜଣାଇଥିଲେ। ପିପିଲି ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରୀତମଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ରାମେଶ୍ୱରୀ



ଅଭିଷେକ



ମାନସ



ଅମିତ୍



ଦିବ୍ୟଜ୍ୟୋତି



ଗୁଡ଼ିଆ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# 'ମା' ଡାକୁଛି ଆ'କୁ ଗ୍ଲୋବାଲ ଥିଏଟର ପୁରସ୍କାର

### କେଦାରଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପୁରସ୍କୃତ

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲରେ କେଦାରଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପୁରସ୍କୃତ ହୋଇଛି। ସ୍କୁଲ ପକ୍ଷରୁ କରାଯାଇଥିବା ଶ୍ରେଷ୍ଠ ପରୀକ୍ଷାଧର୍ମୀ ଶିଶୁ ନାଟକ 'ମା' ଡାକୁଛି ଆ'କୁ ଗ୍ଲୋବାଲ ଥିଏଟର ପୁରସ୍କାର ମିଳିଛି। ଅନଂଶ ଅନିନ୍ଦିତା ଦେଓ ପ୍ରକୃତି ଅଭିନୟ ପାଇଁ ଚେୟାରମ୍ୟାନ ପୁରସ୍କାର ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିନୟଗତ କଳାକୌଶଳ ପାଇଁ ଏହି ପୁରସ୍କାର ମିଳିଥିବାରୁ ସ୍କୁଲ ଅଧ୍ୟକ୍ଷା ମୌସୁମୀ ମହାପାତ୍ର ଓ ଉପାଧ୍ୟକ୍ଷ ତପନ କୁମାର ଶତପଥୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ନାଟକରେ ଶିଶୁମାନେ ପୁରାଣର ପଞ୍ଚବଟୀ ଅରଣ୍ୟରୁ ଆଜିର ପରିବେଶ ମଧ୍ୟରେ ତୁଳନା କରିଥିଲେ। ଜଳ, ବାୟୁ ଓ ଶବ୍ଦ ପ୍ରଦୂଷଣର କାରଣ ସହ ବନ୍ୟା, ବାତ୍ୟା ଓ ଭୂମିକମ୍ପର ଭୟଙ୍କର ରୂପକୁ ନାଟକ ମାଧ୍ୟମରେ ଦେଖାଇଥିଲେ। ପ୍ରକୃତିର ସୌନ୍ଦର୍ଯ୍ୟ ବନମହୋତ୍ସବ ମାଧ୍ୟମରେ ଫେରିପାରିବ। ବୃକ୍ଷରୋପଣ କରିବା ସହ ପ୍ରକୃତିକୁ ସବୁଜଭରା କରିବା ପାଇଁ ନାଟକ ମାଧ୍ୟମରେ ସେମାନେ ସଚେତନ କରିଥିଲେ। ନାଟକରେ ମୋଟ ୨୮ଜଣ ଛାତ୍ରୀଛାତ୍ର ଅଭିନୟ କରିଥିଲେ। ଶିକ୍ଷକ ସାର୍ଥକ ସାମନ୍ତରାୟ ଓ ସନ୍ତୋଷ ସାହୁ ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶ ଓ ଦୀପକ ପରିଡ଼ା ସହଯୋଗ କରିଥିଲେ।



ପୁରସ୍କୃତ ନାଟକ 'ମା' ଡାକୁଛି ଆ'ର ଏକ ଦୃଶ୍ୟ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।

- ତୁଳସୀ ଦାସ



## ସଂକ୍ଷେପରେ

### ପାଠ୍ୟକ୍ରମରେ ସାମିଲ ହେଲା ପର୍ଯ୍ୟଟନ, କ୍ଷୁଦ୍ର ବ୍ୟବସାୟିକ ଜ୍ଞାନ ବିଷୟ

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ନିୟମିତ ପାଠ୍ୟକ୍ରମ ସହ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରମାନେ ତୃତୀୟ ଭାଷା(ସଂସ୍କୃତ/ହିନ୍ଦୀ) ଭଳି ଏହାକୁ ମଧ ଅଧ୍ୟୟନ କରିପାରିବେ। ଛାତ୍ରୀଛାତ୍ରମାନଙ୍କୁ ଏ ସମ୍ବନ୍ଧୀୟ ବ୍ୟାବହାରିକ ଜ୍ଞାନ ଦେବାକୁ ବ୍ୟବସ୍ଥା ମଧ କରାଯାଉଛି। ଏହି କ୍ରମରେ ପୁରୀ ଜିଲା ପିପିଲି ଅଞ୍ଚଳର ଜି.ଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ସ୍ଥାନୀୟ ହୋଟେଲ ପରିଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସ କୁମାର ମିଶ୍ର, ଧନ୍ଦାମୂଳକ ଶିକ୍ଷା ଇନ୍‌ଚାର୍ଜ ଅଶୋକ ସ୍ୱାଇଁ, ପର୍ଯ୍ୟଟନ ପାଠ୍ୟକ୍ରମର ଶିକ୍ଷୟିତ୍ରୀ ବନ୍ଦନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ୯ଜଣଙ୍କୁ 'କନ୍ୟାରତ୍ନ ସମ୍ମାନ'

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଲିଙ୍ଗଗତ ବୈଷମ୍ୟତା ଦୂର କରିବା ଉଦ୍ଦେଶ୍ୟରେ ସାମାଜିକ ଅନୁଷ୍ଠାନ କଳିଙ୍ଗ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗୁରୁବାର ଉତ୍କଳ ରଙ୍ଗମଞ୍ଚଠାରେ ଏକ ନିଆରା କାର୍ଯ୍ୟକ୍ରମ 'କଳିଙ୍ଗ ରତ୍ନ ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ବରିଷ୍ଠ ପ୍ରଶାସକ ହେମନ୍ତ ପାଢ଼ୀ ଯୋଗଦେଇ ସମାଜରେ ବଢୁଥିବା ଲିଙ୍ଗଗତ ବୈଷମ୍ୟତା ସମ୍ପର୍କରେ କହିଥିଲେ। ଦିନକୁ ଦିନ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବା ଆଗାମୀ ଦିନରେ ସାରା ବିଶ୍ୱ ପାଇଁ ଏକ ଉଦ୍‌ବେଗର ବିଷୟ ହେବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶ୍ୱ ମାନବାଧିକାର କମିଶନ(ଡବ୍ଲୁଏଚ୍ଆରସି) ରାଷ୍ଟ୍ରୀୟ ସଭାପତି ଗୋପାଳ ଶତପଥୀ ଯୋଗଦେଇ 'ଝିଅଙ୍କୁ ପଢ଼ାନ୍ତୁ, ଝିଅଙ୍କୁ ବଞ୍ଚାନ୍ତୁ' ଅଭିଯାନକୁ କେବଳ ଅଭିଯାନ କି କଥାରେ ସୀମିତ ନ ରଖି ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୯ ପ୍ରତିଭାଙ୍କୁ ଟ୍ରଷ୍ଟ ପକ୍ଷରୁ 'କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନିତ ପ୍ରତିଭାମାନେ ହେଲେ ଇଂ. ଦିଲୀପ ପ୍ରଧାନ, ଟିକି ପରିଡ଼ା, ସୁବ୍ରତ କୁମାର ଜେନା, ଜ୍ଞାନେନ୍ଦ୍ର ନାୟକ, ଗୋପାଳ ଶତପଥୀ, ଖବରଦାତା ନୀରଦ ବରଣ ମହାପାତ୍ର, ଅଭିଷେକ ମହାନ୍ତି, ସମୀକ୍ଷା ପଟ୍ଟନାୟକ ଏବଂ ସସ୍ମିତା ମଲ୍ଲ। ଟ୍ରଷ୍ଟର ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲେଡିଜ୍ ଫୋରମ୍ ସଦସ୍ୟାମାନେ ନୃତ୍ୟ ଓ ସଙ୍ଗୀତ ମାଧମରେ 'ଝିଅଙ୍କୁ ପଢ଼ାନ୍ତୁ, ଝିଅଙ୍କୁ ବଞ୍ଚାନ୍ତୁ'ର ବାର୍ତ୍ତା ଦେଇଥିଲେ। ଖଣ୍ଡଗିରିସ୍ଥିତ ଜୀବନ ଜ୍ୟୋତି ଆଶ୍ରମର ପିଲାମାନେ 'କନ୍ୟା ଅନ୍‌ମୋଲ, କନ୍ୟା ରତ୍ନ କର ଯତ୍ନ'କୁ ନେଇ କ୍ଷୁଦ୍ର ନାଟକ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥିଭାବେ ଡା. ଜଗନ୍ନାଥ ମହାପାତ୍ର, ସାହିତ୍ୟିକ ବିଜୟ ଦାସ, ରୁଦ୍ରନାରାୟଣ ସାମନ୍ତରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତୀ ମିଶ୍ର, ଅଭୟ ପରିଡ଼ା, ଉମାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଭିଷେକ ମହାନ୍ତି ପରିଚାଳନା ଓ ଟ୍ରଷ୍ଟର ସମ୍ପାଦକ ମନୋଜ ରାଉଳ ଧନ୍ୟବାଦ ଦେଇଥିଲେ।

# ବିଧାନସଭା ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରୁହ: ଡିଜିପି

**କଟକ ଅଫିସ, ୧୩।୨**




ପୋଲିସ ଡିଜି ଅଭୟ ଭିଡିଓ କନ୍‌ଫରେନ୍ସିଂରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଫେବୃୟାରୀ ୧୪ ତାରିଖରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ରାଜ୍ୟ ପୋଲିସ ବିଭାଗ ମଧ ପ୍ରସ୍ତୁତି ଆରମ୍ଭ କରିଛି। ବିଧାନସଭାରେ ବିଧାୟିକାବିଧାୟକମାନେ ପୋଲିସ ବିଭାଗ ସମ୍ପର୍କିତ ଯେଉଁ ପ୍ରଶ୍ନ ଉତ୍‌ଥାପନ କରିବେ, ତାହାର ଉତ୍ତର କେମିତି ଖୁବ୍ କମ୍ ସମୟରେ ଦାଖଲ କରାଯାଇପାରିବ, ସେଥିପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ଡିଜିପି ଅଭୟ ପରାମର୍ଶ ଦେଇଛନ୍ତି। ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ କମିଶନରେଟ୍ ପୋଲିସ, ରେଞ୍ଜ ଆଇଜି, ଡିଆଇଜି, ଡିସିପି ଓ ଏସ୍‌ପିମାନଙ୍କ ସହ ଏ ନେଇ ଆଲୋଚନା ବେଳେ ଡିଜିପି ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଉତ୍ତରଗୁଡ଼ିକ ଯେତେଶୀଘ୍ର ମୁଖ୍ୟାଳୟରେ ପହଞ୍ଚିବ, ସେତେ ଶୀଘ୍ର ବିଧାନସଭାରେ ଦାଖଲ କରାଯାଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ବେଳେ ଡିଜିପି ରାଜ୍ୟର ଆଇନଶୃଙ୍ଖଳା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କଥା ହୋଇଥିଲେ। ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ)ବଳରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ ଜାନୁୟାରୀ ୨୭ରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ୍ ୫୧୨୧ଜଣଙ୍କୁ ଗିରଫ କରାଯାଇଛି। ସର୍ବାଧିକ ସଫଳତା ହାସଲ କରିଥିବା ଗଞ୍ଜାମ, କୋରାପୁଟ ଏବଂ ଖୋର୍ଦ୍ଧା ଏସ୍‌ପିଙ୍କୁ ଡିଜିପି ପ୍ରଶଂସା କରିଥିଲେ। ମାଲକାନଗିରିର ମାଓବାଦୀ କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ହୋଇଛି। ଏହି ସଫଳତା ପାଇଁ ସେ ମାଲକାନଗିରି ଏସ୍‌ପିଙ୍କୁ ପ୍ରଶଂସା କରିଥିଲେ। ପୋଲିସ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ବରିଷ୍ଠ ଅଧିକାରୀମାନେ ତତ୍ପର ହୁଅନ୍ତୁ ବୋଲି ଡିଜିପି କହିଥିଲେ। ତେବେ ଆଲୋଚନା ସମୟରେ ଆଗାମୀ ବିଧାନସଭା ଅଧିବେଶନକୁ ଗୁରୁତ୍ୱ ଦିଆଯାଇଥିଲା। ଅନେକବର୍ଷ ହେଲା ଗଡୁଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ ଦିଗରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ସିସିଟିଏନ୍ଏସ୍ ବ୍ୟବସ୍ଥାର ବ୍ୟବହାର ସହ ସେଥିରେ ନିୟମିତ ତଥ୍ୟ ଦାଖଲ, ବିଭିନ୍ନ ମାମଲାର ରେକର୍ଡକୁ ଆଡଭୋକେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ ଜରିଆରେ ହାଇକୋର୍ଟକୁ ପଠାଇବା, ଠିକ୍ ସମୟରେ କ୍ରିମିନାଲ୍ ମିସ୍ କେସ୍‌ଗୁଡ଼ିକର ଅନୁପାଳନ ଦାଖଲ କରିବାକୁ ଡିଜିପି ଗୁରୁତ୍ୱ ଦେଇଥିଲେ। ଏଥିସହ ପୋଲିସ ପଦକ ପ୍ରଦାନ ପାଇଁ ନିର୍ଦ୍ଧାରିତ ସମୟରେ ମନୋନୀତ ତାଲିକା ପ୍ରଦାନ କରିବାକୁ ସେ କହିଥିଲେ। ଜିଲାସ୍ତରରେ ମହିଳା ପୋଲିସ କର୍ମଚାରୀଙ୍କ ପାଇଁ ବାରାକ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ଯଥାଶୀଘ୍ର ପ୍ରସ୍ତାବ ପଠାଇବାକୁ ସେ ଏସ୍‌ପି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଜିଲା ସ୍ତରରେ ପଦୋନ୍ନତି ବୋର୍ଡ଼ ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଏହି ଆଲୋଚନା ସମୟରେ ରେଲୱେ ଏଡିଜିପି ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଏଡିଜିପି (ମୁଖ୍ୟାଳୟ) ବିନୟତୋଷ ମିଶ୍ର, ଏଡିଜିପି (ଆଇନ୍ ଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (ଆଧୁନୀକୀକରଣ) ରେଖା ଲୋହାନୀ, ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍, ଆଇଜିପି (ରାଜ୍ୟ କ୍ରାଇମ୍ ରେକର୍ଡ଼ ବ୍ୟୁରୋ) ରାଜେଶ କୁମାର, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

**ଭିଡିଓ କନ୍‌ଫରେନ୍ସିଂରେ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ**

- ତ୍ୱରିତ ଉତ୍ତର ଦାଖଲ କରିବାକୁ ଗୁରୁତ୍ୱ
- ମହିଳା ବାରାକ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

### କପଡ଼ା ଯୋଗାଣ ନାଁରେ ୪୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ସୁରଟ ଓ କୋଲକାତାରୁ ନାମୀଦାମୀ କମ୍ପାନୀର କପଡା ଶସ୍ତାରେ ଯୋଗାଇଦେବା ଆଳରେ ୪୭ ଲକ୍ଷ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଅଞ୍ଚଳର ପ୍ରକାଶ କୁମାର ସୁତାର(୪୫)। ବରମୁଣ୍ଡା ବିଡିଏ ଡୁପ୍ଲେକ୍ସ ଅଞ୍ଚଳରେ ରହୁଥିବା ମନମୋହନ ସାହୁଙ୍କର ଏକ ଲୁଗା ଦୋକାନ ରହିଛି। ଅଭିଯୁକ୍ତ ପ୍ରକାଶ ନିଜକୁ ଟ୍ରେଡ୍ ମର୍ଚାଣ୍ଟର ପରିଚୟ ଦେଇ ଶସ୍ତାରେ କପଡ଼ା ଯୋଗାଇ ଦେବାକୁ କହି ୨୦୧୬ରେ ମନମୋହନଙ୍କଠାରୁ ୨୭ ଲକ୍ଷ ଓ ୨୦୧୭ରେ ୨୦ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାହା ଯୋଗାଇ ନ ଥିଲେ। ଅଳ୍ପକିଛି ଟଙ୍କା ଫେରାଇ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ମନମୋହନ ଗତ ୩୧ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୋଲିସ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ଚକେଇସିଆଣୀସ୍ଥିତ ବାସଭବନରୁ ଗିରଫ କରିବା ସହ ପଚରାଉଚରା ପରେ ଗୁରୁବାର କୋର୍ଟ ଚାଲାଣ କରିଥିଲା।



ଗୁରୁବାର ପ୍ରଶାସନିକ ଟିମ୍ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥିତି ଅନୁଧ୍ୟାନ କରାଯାଉଛି।

# ସୂର୍ଯ୍ୟମନ୍ଦିର ଅନୁଧ୍ୟାନ କଲେ ପ୍ରଶାସନିକ ଟିମ୍

**କୋଣାର୍କ,୧୩।୨(ଡି.ଏନ୍.ଏ.)**

ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ମୁଖ୍ୟ ଆକର୍ଷଣ ଜଗମୋହନର ସିଂହଭାଗ ନିକଟରେ ସାଦା ପଥର ଯୋଡ଼ାଯାଇଛି। ଏ ସମ୍ପର୍କରେ ଖବର ଜଣାପଡ଼ିବା ପରେ ରାଜ୍ୟ ସରକାର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଅପରାହ୍ନରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ସଂଘମିତ୍ରା ଶତପଥୀ, ସାହିତ୍ୟ ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ କ୍ୟୁରେଟର ଅଶ୍ୱିନୀ କୁମାର ଶତପଥୀ ଏକ ପ୍ରଶାସନିକ ଟିମ୍ କୋଣାର୍କ ଗସ୍ତରେ ଆସି ଏଏସ୍ଆଇ ପକ୍ଷରୁ ସାଦା ପଥର ଲଗାଯିବା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପରିସ୍ଥିତି ଅନୁଧ୍ୟାନ ପରେ ପ୍ରମୁଖ ସଚିବ ପାଣିଗ୍ରାହୀ ଗଣମାଧ୍ୟମକୁ କହିଛନ୍ତି, ସୂର୍ଯ୍ୟମନ୍ଦିରର ସଂରକ୍ଷଣଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଏଏସ୍ଆଇର ଅଧିକାରୀମାନଙ୍କ ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଆଲୋଚନା ହୋଇଛି। ନ୍ୟାଶନାଲ କଞ୍ଜରଭେଶନ ପଲିସି ଆଧାରରେ ସମସ୍ତ କାର୍ଯ୍ୟ ଏଏସ୍ଆଇ ଏଠାରେ କରିଥିବା ସେମାନେ କହିଛନ୍ତି। ଏହି ସାଦାପଥରଗୁଡ଼ିକ କେବେଠାରୁ ମନ୍ଦିର ଗାତ୍ରରେ ଲାଗିଛି, ସେନେଇ ରାଜ୍ୟ ସରକାରଙ୍କ ନିକଟରେ ସ୍ପଷ୍ଟ ତଥ୍ୟ ନାହିଁ। ତେବେ ଗଣମାଧ୍ୟମର ଖବରକୁ ଗୁରୁତ୍ୱ ଦେଇ ଆମେ ଅନୁଧ୍ୟାନ କରିଛୁ। ପ୍ରକାଶିତ ଖବରର ସତ୍ୟତା ଉପଲବ୍ଧି କରି ଏ ସମ୍ପର୍କରେ ସରକାରଙ୍କୁ ସବିଶେଷ ରିପୋର୍ଟ ଦେବୁ। ଏହି ସମସ୍ୟାର ସମାଧାନ ପାଇଁ ଏଏସ୍ଆଇ ସହିତ ଆମେ ଆଲୋଚନା କରିବୁ। ବିଗତ ୨୦ବର୍ଷ ଧରି ଜଗମୋହନର ଦକ୍ଷିଣ-ପଶ୍ଚିମ, ପଶ୍ଚିମ ଓ ଉତ୍ତର ପାର୍ଶ୍ୱରେ ଐତିହ୍ୟକୁ ସୁରକ୍ଷା ଦେବାପାଇଁ ଲଗାଯାଇଥିବା ଆଇରନ ସ୍କାଫୋଲ୍ଡିଙ୍ଗକୁ ଦୁଇ ସପ୍ତାହ ପୂର୍ବରୁ ହଟାଇ ଦିଆଯାଇଛି। ମନ୍ଦିରର ନାଟମଣ୍ଡପଠାରୁ ଆରମ୍ଭ କରି ଜଗମୋହନର ଚାରିଆଡେ ସୂକ୍ଷ୍ମ କାରୁକାର୍ଯ୍ୟ ସ୍ଥାନରେ ସାଦାପଥର ଦେଖିବାକୁ ମିଳିଛି। ଯେତିକି କାରୁକାର୍ଯ୍ୟ ଏବେ ଅଛି, ସେସବୁ ଝଡ଼ିଯାଇ ଏତେ ଅସ୍ପଷ୍ଟ ହୋଇପଡ଼ିଛି ଯେ ତାହାକୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି।

- ସାଦାପଥର ଯୋଡ଼ାଯାଇଥିବା ପ୍ରସଙ୍ଗ
- ସମାଧାନ ପାଇଁ ଏଏସ୍ଆଇ ସହ ଆଲୋଚନା ହେବ- ସଂସ୍କୃତି ସଚିବ

# ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର ଗୁରୁତର

**କଟକ ଅଫିସ,୧୩।୨:** ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରି ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡିଯାଇଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ଆଇସିୟୁରେ ରଖାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ସେ ଠିକ୍ ଭାବେ କଥାବାର୍ତ୍ତା କରିପାରୁନାହାନ୍ତି। ଡାକ୍ତରମାନେ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ବୋଲି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଥାଉ କି, ପୁତ୍ର କୃତିବାସ ମିଶ୍ର ଓରଫ ରାଜାଙ୍କୁ ଏକ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ପ୍ରତିବାଦରେ ବୁଧବାର ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି କୌଣସି କାମରେ ବ୍ୟସ୍ତ ଥିବାରୁ ତାଙ୍କୁ ମୀନାକ୍ଷୀ ଭେଟିପାରି ନ ଥିଲେ। ଏଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କଠାରୁ ନ୍ୟାୟ ନ ପାଇବାରୁ ମୀନାକ୍ଷୀ ଏକ ବ୍ୟାଗରେ ଧରିଥିବା କିରୋସିନ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

**ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଘଟଣା**

### ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଖଣ୍ଡଗିରି ଥାନା ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବରମୁଣ୍ଡା ହରିଜନ ସାହିର ରିଙ୍କୁ ନାୟକ(୨୯)। ସୂଚନା ମୁତାବକ, ବରମୁଣ୍ଡା ପଇକରାୟ ନଗର ଅଞ୍ଚଳରେ ରହୁଥିବା ତାରିଣୀସେନ ପାଇକରାୟ ବୁଧବାର ଅପରାହ୍ନରେ ଘରକୁ ଫେରୁଥିଲେ। ରାଜଧାନୀ କଲେଜ ନିକଟରେ ଅଭିଯୁକ୍ତ ରିଙ୍କୁଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ରିଙ୍କୁ ଓ ତାଙ୍କର କେତେଜଣ ସହଯୋଗୀ ସଂଘବଦ୍ଧ ଭାବେ ତାରୀଣୀସେନଙ୍କୁ ରାସ୍ତାରେ ଘୋଷାରି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ତାରିଣୀସେନଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ପାଇକରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୦୯/୨୦ ମାମଲା ରୁଜୁ କରି ଅଭିଯୁକ୍ତ ରିଙ୍କୁଙ୍କୁ ଗିରଫ କରି ପଚରାଉଚରା ପରେ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା।

## ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ):** ସାରା ରାଜ୍ୟରେ ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଚାଲିଥିବାବେଳେ ଫେବୃୟାରୀ ୧୩ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ୪୩ ଲକ୍ଷ ୩୮ ହଜାର ୭୭୮ ଟନ ଧାନ ବିଭିନ୍ନ ମଣ୍ଡି ଜରିଆରେ ସଂଗ୍ରହ କରାଯାଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ ବୋଲି ଜଣାପଡିଛି। ଚଳିତବର୍ଷ ରାଜ୍ୟ ସରକାର ଖରିଫରେ ୫୦ ଲକ୍ଷ ଟନ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେଣୁ ଆସନ୍ତା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଧାନ ସଂଗ୍ରହ ଚାଲିବ। ୩୦ ଜିଲାରେ ୩, ୫୪୧ଟି ଧାନମଣ୍ଡି ମାଧମରେ ଚାଷୀମାନଙ୍କ ପି-ପାସ୍ ଓ ଆଗୁଆ ଟୋକେନ୍ ପ୍ରଦାନ ମାଧମରେ ଧାନ ସଂଗ୍ରହ କାର୍ଯ୍ୟ କରାଯାଉଛି। ଏଯାବତ୍ ଚାଷୀମାନଙ୍କୁ ସମୁଦାୟ ୧୦ ଲକ୍ଷ ୨ ହଜାର ୮୨୩ଟି ଆଗୁଆ ଟୋକେନ୍ ପ୍ରଦାନ କରାଯାଇଛି। ଗୁରୁବାର ସୁଦ୍ଧା ୭ ଲକ୍ଷ ୬୯ ହଜାର ୮୬୦ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି।

ଅଧିକ ଧାନ ସଂଗ୍ରହ ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱରରୁ ୧ ଲକ୍ଷ ୨୬ ହଜାର ୯୦୭ ଟନ, ବରଗଡ଼ରୁ ୬ ଲକ୍ଷ ୩୭ ହଜାର ୩୮୯ ଟନ, ବଲାଙ୍ଗୀରରୁ ୩ ଲକ୍ଷ ୧ ହଜାର ୧୫୦ ଟନ, ଗଞ୍ଜାମ ଜିଲାରୁ ୨ ଲକ୍ଷ ୮୧ ହଜାର ୮୧୭ ଟନ, କଳାହାଣ୍ଡିରୁ ୪ ଲକ୍ଷ ୩୩ ହଜାର ୮୯୨ ଟନ, କୋରାପୁଟରୁ ୨ ଲକ୍ଷ ୯୬୨ ଟନ, ନବରଙ୍ଗପୁର ୧ ଲକ୍ଷ ୩୩ ହଜାର ୩୨୦ ଟନ, ସମ୍ବଲପୁର ଜିଲାରୁ ୨ ଲକ୍ଷ ୯୬ ହଜାର ୧୮୨ ଟନ, ନୂଆପଡ଼ାରୁ ୧ ଲକ୍ଷ ୨୧ ହଜାର ୩୦୧ ଟନ, ସୁବର୍ଣ୍ଣପୁର ଜିଲାରୁ ୩ ଲକ୍ଷ ୨୨ ହଜାର ୬୬୪ ଟନ ଏବଂ ସୁନ୍ଦରଗଡ଼ ଜିଲାରୁ ୧ ଲକ୍ଷ ୩୩ ହଜାର ୯୫୩ ଟନ ଧାନ ସଂଗ୍ରହ କରାଯାଇଛି। ଧାନ ସଂଗ୍ରହ ଅର୍ଥ ବାବଦକୁ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗୁରୁବାର ସୁଦ୍ଧା ପ୍ରାୟ ୭୪୫୮ କୋଟି ୭୯ ଲକ୍ଷ ଟଙ୍କା ପଠାଯାଇଥିବା ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

**ସଂଗୃହୀତ ହୋଇଛି ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ ଧାନ**

# କଟକରୁ ଆରମ୍ଭ ହେବ ସପ୍ତାହ ବ୍ୟାପୀ ବିଜୁ ଜୟନ୍ତୀ



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଇଁ କଟକଠାରେ ଅନୁଷ୍ଠିତ ବୈଠକରେ ବିଜେଡି ନେତାମାନେ।

**କଟକ ଅଫିସ, ୧୩।୨**

ଆସନ୍ତା ମାର୍ଚ୍ଚ ୫ ତାରିଖଠାରୁ ସପ୍ତାହ ବ୍ୟାପୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ କରିବ ବିଜୁ ଜନତା ଦଳ। ଚଳିତବର୍ଷ ବିଜୁ ବାବୁଙ୍କ ଜନ୍ମ ସ୍ଥାନ ଅର୍ଥାତ୍ କଟକ ସହରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ରାଜ୍ୟରେ ବିଜେଡି ସରକାର ଗଠନ କରିବାର ୨୦ ବର୍ଷ ପୂର୍ତ୍ତି ହେଉଥିବା ଯୋଗୁ, ବଡ଼ ଧରଣରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଗୁରୁବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନେତାମାନେ ଯୋଗଦେଇ ଅଧିକରୁ ଅଧିକ ସଂଖ୍ୟାରେ ସମର୍ଥକ, କର୍ମୀ ଏବଂ ଜନସାଧାରଣଙ୍କୁ କାର୍ଯ୍ୟକ୍ରମରେ ସାମିଲ୍ କରାଇବାକୁ ଆଲୋଚନା କରିଥିଲେ। କଟକ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିରେ କଟକ ସମେତ ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଜିଲାର ଲୋକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗତ ୨୦ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ସଫଳତା ଏବଂ ବିଭିନ୍ନ ଯୋଜନା ସମ୍ପର୍କରେ ନେତାମାନେ ବକ୍ତବ୍ୟ ଦେବେ। ଉଦ୍‌ଘାଟନ ପରେ ସପ୍ତାହେ ବ୍ୟାପୀ କେଉଁ କାର୍ଯ୍ୟକ୍ରମ କେଉଁଠାରେ ଆୟୋଜନ ହେବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ, ପ୍ରତାପ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ପ୍ରଶାନ୍ତ ବେହେରା, ଚନ୍ଦ୍ର ସାରଥି ବେହେରା, ପ୍ରଶାନ୍ତ କୁମାର ମୁଦୁଲି, ପ୍ରୀତିରଞ୍ଜନ ଘଡେଇ, ପ୍ରଣବ କୁମାର ବଳବନ୍ତରାୟ, ପ୍ରଣବ ପ୍ରକାଶ ଦାସ, ପ୍ରମିଳା ମଲ୍ଲିକ, ସରୋଜ କୁମାର ସାମଲ, ଡ. ନୃସିଂହ ଚରଣ ସାହୁ ଏବଂ ସୁଧୀର କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ।

**୫୦ହଜାର ଲୋକଙ୍କ ସମାଗମ ଲକ୍ଷ୍ୟ**

# ନିଷିଦ୍ଧାଞ୍ଚଳରେ ଟ୍ରଲର, ବିପଦରେ ଅଲିଭ ରିଡ୍‌ଲେ

**ପୁରୀ ଅଫିସ,୧୩।୨**



ନିଷିଦ୍ଧାଞ୍ଚଳରେ ଏକ ଟ୍ରଲର ଚଳାଚଳ କରୁଛି।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଚାଲିଛି। ଏହି କଇଁଛଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନିଷିଦ୍ଧାଞ୍ଚଳରେ କୌଣସି ଟ୍ରଲର ମାଛ ଧରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଏହି କଟକଣାକୁ ଅନେକ ମାନୁ ନାହାନ୍ତି। ବେଖାତିର କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି। ଗୁରୁବାର ଅପରାହ୍ନରେ ପୁରୀ ବେଳାଭୂମିଠାରୁ ମାତ୍ର ୧ କି.ମି. ମଧ୍ୟରେ ସମୁଦ୍ରରେ ଏକ ଟ୍ରଲର ମାଛ ମାରୁଥିବା ଦେଖିବାକୁ ମିଳିଥିଲା।

ବ୍ରହ୍ମଗିରି ଅରଖକୁଦାଠାରୁ ଅସ୍ତରଙ୍ଗ ଦେବୀ ମୁହାଣ ପ୍ରାୟ ୧୦୦ କି.ମି. ବ୍ୟାପ୍ତ ବେଳାଭୂମି ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ରହିଛି। ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ବର୍ତ୍ତମାନ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ୨୧ କି.ମି. ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦ କି.ମି. ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କି.ମି. ସମୁଦ୍ର ମଧ୍ୟରେ ଟ୍ରଲର ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ ରହିଛି। କିନ୍ତୁ ଏହି ନୋ ଫିଶିଂ ଜୋନରେ ଅଧିକାଂଶ ସମୟ ଟ୍ରଲର ଚକ୍କର କାଟୁଥିବା ଦେଖିବାକୁ ମିଳୁଛି, ଯାହାକି ଅଲିଭରିଡ୍‌ଲେଙ୍କ ମୃତ୍ୟୁର କାରଣ ପାଲଟୁଛି। ବିଭିନ୍ନ ସମୟରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଟ୍ରଲରକୁ ଜବତ କରିବା ସହ ମତ୍ସ୍ୟଜୀବୀଙ୍କୁ ଗିରଫ କରୁଥିଲେ ମଧ ଅନ୍ୟ ଟ୍ରଲରମାଲିକମାନେ ସଚେତନ ହେଉନାହାନ୍ତି। ନିକଟରେ ପେଣ୍ଟକଟା ନିକଟ ସମୁଦ୍ରରେ ବେଆଇନ ଭାବେ ମାଛ ଧରୁଥିବା ସୁନାଦେଉଳ ନାମକ ଏକ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ଜବତ କରିଥିଲା। ଏଥିରେ ଥିବା ୫ଜଣ ମତ୍ସ୍ୟଜୀବୀଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଗିରଫ କରାଯାଇଥିଲା। ଉକ୍ତ ଟ୍ରଲରରୁ ୨ଯୋଡ଼ି ଅର୍ଥାତ୍ ୪ଟି ଜୀବିତ ଅଲିଭ୍‌ରିଡଲେଙ୍କୁ ଉଦ୍ଧାର କରାଯାଇ ସମୁଦ୍ରରେ ଛଡ଼ାଯାଇଥିଲା। ଏତଦ୍‌ବ୍ୟତୀତ ଚଳିତ କଟକଣା ଅବଧି ମଧ୍ୟରେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଆଉ ୨ଟି ଟ୍ରଲରକୁ ମଧ ଜବତ କରାଯାଇଛି। ଏହା ସତ୍ତ୍ୱେ ସରକାରୀ କଟକଣାକୁ ଉଲ୍ଲଂଘନ କରୁଛନ୍ତି ଏକାଧିକ ଟ୍ରଲର। ଏଥିରୁ ଅନ୍ୟ ନିଷିଦ୍ଧାଞ୍ଚଳର ଚିତ୍ର ସହଜେ ଅନୁମାନ କରାଯାଇପାରେ। ସୂଚନାଯୋଗ୍ୟ, ଏହି ସମୟରେ ପ୍ରଜନନ ପାଇଁ କଇଁଛ ଉପକୂଳମୁହାଁ ହେଉଥିବାବେଳେ ଟ୍ରଲର ଚଳାଚଳ ଯୋଗୁ ବିପଦରେ ପଡୁଛନ୍ତି। ଟ୍ରଲର ମାଡ଼ରେ କେତେକ କଇଁଛ ମରି ବେଳାଭୂମିରେ ଲାଗୁଥିବା ଅନେକ ସମୟରେ ଦେଖିବାକୁ ମିଳୁଛି।

**କଟକଣାକୁ ମାନୁନାହାନ୍ତି**

# ମହିଳା ଟି୨୦ ବିଶ୍ୱକପ୍



ହରମନପ୍ରୀତ କୌର

ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଏଥର ଅଷ୍ଟ୍ରେଲିଆରେ ଆୟୋଜନ ହେବା ଆସନ୍ତା ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ ଓ ଏଥିରେ ୨୩ଟି ମ୍ୟାଚ୍ ଖେଳାଯିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଘରୋଇ ପରିବେଶରୁ ଫାଇଦା ଉଠାଇ ପୁଣି ଥରେ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ପୂର୍ବର ବିଫଳତାକୁ ପଛରେ ପକାଇ ଭାରତ ଏଥର ଉନ୍ନତ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି...

ନିର୍ମଳ କୁମାର ମିଶ୍ର

୨୦୨୦ ବିଶ୍ୱ କ୍ରୀଡ଼ା ଜଗତରେ ଏକ ଘଟଣାବହୁଳ ବର୍ଷ ରୂପେ ପରିଗଣିତ ହେବାକୁଯାଉଛି। ଏହି କ୍ୟାଲେଣ୍ଡର ବର୍ଷରେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅନେକ କ୍ରୀଡ଼ା ପ୍ରତିଯୋଗିତା ଏଥି ମଧ୍ୟରେ ସମାପ୍ତ ହୋଇଛି। ସେଥିମଧ୍ୟରେ ରହିଛି ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ୍। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ବର୍ଷରୁ କମ୍ ବିଶ୍ୱକପ୍ ଅନୁଷ୍ଠିତ ହୋଇ ସାରିଥିବା ବେଳେ ଆଗକୁ ରହିଛି ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଟୋକିଓ ଅଲିମ୍ପିକ୍ସ, ୟୁରୋ ୨୦୨୦ ଫୁଟବଲ ଟୁର୍ନାମେଣ୍ଟ, ମେକ୍ସିକାନ୍ ଗ୍ରାଁ ପ୍ରି , ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍, ୱିଣ୍ଟର ୟୁଥ ଅଲିମ୍ପିକ୍ସ ଏବଂ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ମହିଳା ଟି୨୦ ବିଶ୍ୱକପ୍।

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଅଳ୍ପକେ ହାତଛଡା ହେବା ପରେ ଭାରତ ବେଶ୍ ନିରାଶ ହୋଇଥିଲା। ଏବେ ମହିଳା ଟି୨୦ ବିଶ୍ୱକପ୍ ଓ ଏଥିରେ ଭାରତୀୟ ଓମେନ୍ସ ଇନ୍ ବ୍ଲୁ ଦଳର ପ୍ରଦର୍ଶନ ଉପରେ କ୍ରିକେଟ୍ ପ୍ରେମୀମାନଙ୍କ ନଜର ରହିବା ସ୍ୱାଭାବିକ କଥା। ଆଇସିସି ଦ୍ୱାରା ଆୟୋଜିତ ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ ମସିହାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଏଥର ଏହା ଆସନ୍ତା ୨୧ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟୁର୍ନାମେଣ୍ଟରେ ମୋଟ ୧୦ଟି ଦଳ ଭାଗ ନେଉଥିବା ବେଳେ ମୋଟ ୨୩ଟି ମ୍ୟାଚ ଖେଳାଯିବ। ୨୦୦୯, ୨୦୧୦, ୨୦୧୨ ମସିହାର ୩ଟି ସଂସ୍କରଣରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ସହିତ ଦୁଇଟି କ୍ୱାଲିଫାୟର ଦଳ ବାଂଲାଦେଶ ଏବଂ ଥାଇଲାଣ୍ଡ ଅଂଶ ଗ୍ରହଣ କରିବେ।

ରାଉଣ୍ଡ ରବିନ୍ ଏବଂ ନକ୍ ଆଇଟ୍ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ଆଇସିସି ପ୍ରକାଶ କରିଛି। ମହିଳା ବିଶ୍ୱକପ୍ ପୁରୁଷ ଟି୨୦ ବିଶ୍ୱକପ୍ ଖେଳାଯାଉଥିବା ଦେଶଗୁଡିକରେ ଏକ ସାଙ୍ଗରେ ଆୟୋଜିତ ହୋଇଥାଏ। ତେବେ ଚଳିତ ୭ମ ସଂସ୍କରଣ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେବାର ୬ ମାସ ପୂର୍ବରୁ ମହିଳା ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଛି। ଆଇସିସି ମହିଳା କ୍ରିକେଟକୁ ଅଧିକ ଗୁରୁତ୍ୱ ଦେବା ସହିତ ପୁରୁଷ ଟି୨୦ ମ୍ୟାଚ ପରି ଏଥିରେ ମଧ୍ୟ ଟେକ୍‌ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ତୃତୀୟ ଅମ୍ପାୟର ଦ୍ୱାରା ଫ୍ରଣ୍ଟଫୁଟ ନୋବଲ୍ ପାଇଁ ବ୍ୟବସ୍ଥା କରିବା ଏବଂ ଡିଆରଏସ୍‌ର ପ୍ରୟୋଗ, ହଟ୍ ସ୍ପଷ୍ଟ ପରି ଟେକ୍‌ନୋଲୋଜି ବ୍ୟବହାର କରି ଏହାକୁ ଅଧିକ ଚିତ୍ତାକର୍ଷକ ଏବଂ ଆକର୍ଷଣୀୟ କରିବାର ପ୍ରୟାସ କରିବା ବେଶ୍ ଖୁସିର କଥା।



ଚଳିତ ସଂସ୍କରଣର ସମସ୍ତ ୨୩ଟି ମ୍ୟାଚ ଅଷ୍ଟ୍ରେଲିଆର ୪ଟି ଶ୍ରେଷ୍ଠ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଗୁଡିକ ହେଲା କାନବେରା, ପର୍ଥ, ମେଲବୋର୍ନ ଏବଂ ସିଡନୀ। ଫେବୃୟାରୀ ୨୧ତାରିଖରେ ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ପ୍ରଥମ ମ୍ୟାଚ ସିଡନୀ ଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଫାଇନାଲ ମ୍ୟାଚ ମାର୍ଚ୍ଚ ୮ ତାରିଖରେ ବିଶ୍ୱ ମହିଳା ଦିବସ ପରିପ୍ରେକ୍ଷୀରେ ମେଲବୋର୍ନଠାରେ ଅନୁଷ୍ଠିତ ହେବ।

୨୦୧୪ ପରଠାରୁ ଅନୁଷ୍ଠିତ ସମସ୍ତ ସଂସ୍କରଣରେ ୧୦ଟି ଦଳ ଭାଗନେଉଥିବା ବେଳେ ୨୦୧୮ରେ ଅନୁଷ୍ଠିତ ହୋଇଥିବା ୱେଷ୍ଟଇଣ୍ଡିଜଠାରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ବିଶ୍ୱ ଟି୨୦ ପ୍ରତିଯୋଗିତାରେ ସର୍ବାଧିକ ୪ଥର ଟାଇଟଲ ହାସଲ କରି ନିଜର ଆଧିପତ୍ୟ ଜାହିର କରିଛି କଙ୍ଗାରୁ ଦଳ। ୨୦୧୦, ୨୦୧୨, ୨୦୧୪ ଓ କ୍ରମାଗତ ୩ଟି ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି ଅଷ୍ଟ୍ରେଲିଆ। ୨୦୧୮ରେ ୱେଷ୍ଟଇଣ୍ଡିଜଠାରେ ୨ୟ ଥର ପାଇଁ ଆୟୋଜିତ ହୋଇଥିବା ଏହି ମେଗା ଇଭେଣ୍ଟରେ ଅଷ୍ଟ୍ରେଲିଆ ମଧ୍ୟ ଚାମ୍ପିୟନ ହୋଇଥିଲା। ଅଷ୍ଟ୍ରେଲିଆର ତାରକା ଅଲରାଉଣ୍ଡର ସୁଜି ବେଟସ୍ ୮୮୧ରନ୍ କରି ସର୍ବାଧିକ ରନ୍ ହାସଲକାରୀ ରୂପେ ରେକର୍ଡର ଅଧିକାରୀ ହୋଇଛନ୍ତି। ଅଷ୍ଟ୍ରେଲିଆର ବୋଲର ଏଲିସ ପେରୀ ସର୍ବାଧିକ ୩୬ଟି ଉଇକେଟ ନେଇ ସମସ୍ତଙ୍କ ଆଗରେ ରହିଛନ୍ତି। ଇଂଲଣ୍ଡ ୨୦୦୯ର ପ୍ରଥମ ସଂସ୍କରଣରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଚାମ୍ପିୟନ ହୋଇଥିବାବେଳେ ୨୦୧୬ର ୫ମ ସଂସ୍କରଣ ଭାରତ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ୱେଷ୍ଟଇଣ୍ଡିଜ ଟିମ୍ ତା'ର ପ୍ରଥମ ଟାଇଟଲ ହାସଲ କରିଥିଲା। ୨୦୧୨ରେ ଶ୍ରୀଲଙ୍କା ଏବଂ ୨୦୧୪ରେ ବାଂଲାଦେଶରେ ଆୟୋଜିତ ହୋଇଥିଲା ଏହି ମେଗା ଇଭେଣ୍ଟ। ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍‌ରେ ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ୮ ଉଇକେଟରେ ପରାସ୍ତ ହୋଇଥିଲା। ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି।

ଭାରତୀୟ ଦଳରେ ସ୍ମୃତି ମାନ୍ଧନା, ହରମନପ୍ରୀତ୍ କୌର, ଶେଫାଳି ବର୍ମା, ପୂଜା ଭସ୍ତ୍ରାକର, ପୁନମ୍ ଯାଦବ, ରାଧା ଯାଦବ, ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡି, ରାଜେଶ୍ୱରୀ ଗାଏକ୍ୱାଡ, ରିଚା ଘୋଷ, ତାନିୟା ଭାଟିଆ, ଜେମିମା ରୋଡ୍ରିଗୁଏଜ୍, ହରଲିନ୍ ଦେଓଲ ଓ ଦୀପ୍ତି ଶର୍ମାଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ଏହି ସନ୍ତୁଳିତ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କର ନଜର ରହିବ।

### ଭାରତୀୟ ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ବେଦ କ୍ରିଷ୍ଣମୂର୍ତ୍ତି, ରିଚା ଘୋଷ, ତାନିଆ ଭାଟିଆ, ପୁନମ ଯାଦବ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଶିଖା ପାଣ୍ଡେ, ପୂଜା ବସ୍ତ୍ରକାର, ଅରୁନ୍ଧତୀ ରେଡ୍ଡୀ।



### ସପ୍ତମ ସଂସ୍କରଣ

ଫେବୃୟାରୀ ୨୧ରୁ ମାର୍ଚ୍ଚ ୮
ଆୟୋଜକ: ଅଷ୍ଟ୍ରେଲିଆ
ଦଳ ସଂଖ୍ୟା: ୧୦
ମ୍ୟାଚ୍ ସଂଖ୍ୟା: ୨୩
ଗତଥରର ଚାମ୍ପିୟନ: ଅଷ୍ଟ୍ରେଲିଆ
ଉଦ୍‌ଘାଟନୀ ମ୍ୟାଚ: ଭାରତ ବନାମ ଅଷ୍ଟ୍ରେଲିଆ
ସଫଳତମ ଦଳ: ଅଷ୍ଟ୍ରେଲିଆ (୪ଥର ଚାମ୍ପିୟନ)
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
**ଗ୍ରୁପ୍ ଏ:** ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ।
**ଗ୍ରୁପ୍ ବି:** ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ପାକିସ୍ତାନ, ଥାଇଲାଣ୍ଡ।

# ଅଭିଜ୍ଞ ମହିଳା ଜିମ୍ନାଷ୍ଟ ଓକସାନା

ଉଜ୍‌ବେକିସ୍ତାନ ମହିଳା ଜିମ୍ନାଷ୍ଟ ଓକସାନା ଚୁସୋଭିଟିଆନା ୪୪ ବର୍ଷ ବୟସରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। କେତେ ଦଶନ୍ଧି ଧରି ସେ ଅଲିମ୍ପିକ୍ସ ସମେତ ପ୍ରାୟ ସବୁ ପ୍ରକାର ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଅଲିମ୍ପିକ୍ସ ପରେ ସେ ଅବସର ନେବେ ଓ ବିଶ୍ୱ ଜିମ୍ନାଷ୍ଟିକ୍ସରେ ତାଙ୍କ ସ୍ଥାନ ଅପୂରଣୀୟ ହୋଇରହିବ...

ଉଜ୍‌ବେକିସ୍ତାନର ୪୪ ବର୍ଷୀୟ ମହିଳା ଜିମ୍ନାଷ୍ଟ ଓକସାନା ଚୁସୋଭିଟିଆନା ଏଥର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଉଛନ୍ତି। ଏଥର ସେ ତାଙ୍କର ଅନ୍ତିମ ଅଲିମ୍ପିକ୍ସ ଖେଳିବାକୁ ଯାଉଥିଲେ ମଧ୍ୟ ଏକ ବିରଳ ସଫଳତା ହାସଲ କରିବା ସହ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ଟୋକିଓରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ସେ ଅଂଶଗ୍ରହଣ କରିବେ। ଏଥିସହିତ ସେ ଅଷ୍ଟମଥର ପାଇଁ ଅଲିମ୍ପିକ୍ସ ଖେଳି ରେକର୍ଡ ସୃଷ୍ଟି କରିବେ। ସାଧାରଣତଃ ଅଳ୍ପ ବୟସ୍କ ଖେଳାଳିମାନେ ଜିମ୍ନାଷ୍ଟିକ୍ ଖେଳିଥାନ୍ତି। କିନ୍ତୁ ଏତେ ବୟସ୍କ ହୋଇଥିଲେ ମଧ୍ୟ ଓକସାନା ହାର ମାନିନାହାନ୍ତି। ଏଥର ମଧ୍ୟ ଏହି ମେଗା ଇଭେଣ୍ଟରେ ସେ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଜିମ୍ନାଷ୍ଟିକ୍ସରେ ଆହତ ହେବାର ଯଥେଷ୍ଟ ସମ୍ଭାବନା ଥିଲେ ମଧ୍ୟ ସେ ପଛଘୁଞ୍ଚା ଦେଇ ନାହାନ୍ତି।

ଜିମ୍ନାଷ୍ଟିକ୍ସକୁ ପିଲାଟି ବେଳୁ ଭଲ ପାଏ। ଯେ ପର୍ଯ୍ୟନ୍ତ ଫିଟ୍ ଅଛି ସେ ପର୍ଯ୍ୟନ୍ତ ଖେଳ ଚାଲୁ ରଖିବି ବୋଲି ସେ କହିଛନ୍ତି। ତେବେ ଏହା ମୋର ଶେଷ ଅଲିମ୍ପିକ୍ସ ସାବ୍ୟସ୍ତ ହେବ। ମୋ ପରିବାର ମୋ ପାଇଁ ସବୁଠାରୁ ବଡ଼ ପ୍ରେରଣା। ଓକସାନା ସେତେବେଳର ୟୁଏସ୍‌ଏସ୍‌ଆର ବା ସୋଭିଏତ୍ ରୁଷ ତରଫରୁ କ୍ୟାରିୟର ଆରମ୍ଭ କରିଥିଲେ। ୧୯୯୨ରେ ସେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ଅବଶ୍ୟ ଏହା ପରେ ସୋଭିଏତ୍ ରୁଷ ଖଣ୍ଡ ବିଖଣ୍ଡିତ ହୋଇଥିଲା ଓ ସେ ଉଜ୍‌ବେକିସ୍ତାନ ତରଫରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୧୯୯୨ ଅଲିମ୍ପିକ୍ସରେ ସେ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ପରେ ବ୍ୟକ୍ତିଗତ ଅଲିମ୍ପିକ୍ସ ପଦକ ପାଇଁ ତାଙ୍କୁ ଆଉ ୧୬ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଭଲ୍ଟରେ ରୌପ୍ୟ ପଦକ ଜିତିଥିଲେ। ଏବେ ସେ ଉଜ୍‌ବେକିସ୍ତାନ ତରଫରୁ ପଞ୍ଚମ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଉଜ୍‌ବେକିସ୍ତାନର ଏକ ଡାକ ଟିକେଟରେ ତାଙ୍କର ଚିତ୍ର ମଧ୍ୟ ରହିଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି କ୍ରମାଗତ ସପ୍ତମଥର ପାଇଁ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।



ବେଜିଂ ଅଲିମ୍ପିକ୍ସ ଜିତିବା ସବୁଠାରୁ ସ୍ମରଣୀୟ ଥିଲା ଓ ଏହା ମୋ ପାଇଁ ବିଶେଷ ମହତ୍ତ୍ୱ ରଖୁଛି । ଏଥିରେ ମୋ ଠାରୁ ୧୦ ବର୍ଷ ଛୋଟ ଜିମ୍ନାଷ୍ଟଙ୍କ ସହ ପୋଡିୟମ ଶେୟାର କରିଥିଲି ବୋଲି ସେ କହିଛନ୍ତି। ଉଜ୍‌ବେକିସ୍ତାନର ବୁଖାରାରେ ଜନ୍ମଗ୍ରହଣ କରିଥିବା ଓକସାନା ଏବେ ଜଣେ କିମ୍ବଦନ୍ତୀ ଜିମ୍ନାଷ୍ଟର ଆଖ୍ୟା ପାଇବାକୁ ଯାଉଛନ୍ତି। ଉଚ୍ଚତା(୫ ଫୁଟ୍)ରେ ଛୋଟ ହୋଇଥିଲେ ମଧ୍ୟ ସେ କେବେ ଏ ନେଇ ସମସ୍ୟାର ସମ୍ମୁଖୀନ ହୋଇ ନାହାନ୍ତି। ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ କରି ସେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ପରିସ୍ଥିତିରେ ପଡି ସେ ଉଭୟ ଜର୍ମାନୀ ଓ ଉଜ୍‌ବେକିସ୍ତାନ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ସଫଳତାର ତାଲିକା ବେଶ୍ ଲମ୍ବା। ବିଶ୍ୱ ଚାମ୍ପିୟନଶିପ୍ ରେ ସେ ଏକାଧିକବାର ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ମଧ୍ୟ ସେ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବିଶ୍ୱକପ୍ ଫାଇନାଲ, ଏସିଆନ୍ ଗେମ୍ସରେ ସେ ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ। ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ୟୁରୋପିଆନ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ଆହୁରି ସଫଳ ହେବାକୁ ଚେଷ୍ଟିତ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ଓକସାନା ଅବସର ନେବା ପରେ ବିଶ୍ୱ ଜିମ୍ନାଷ୍ଟିକ୍ସରେ ତାଙ୍କ ସ୍ଥାନ ଅପୂରଣୀୟ ହୋଇରହିବ।

# ନୂଆ ଚାମ୍ପିୟନ

ବାଂଲାଦେଶ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ତଥା ଫେଭରାଇଟ ଭାରତକୁ ହରାଇ ବାଂଲାଦେଶ ପ୍ରଥମଥର ପାଇଁ ଟାଇଟଲ ଜିତିଛି...

ବିଶ୍ୱ କ୍ରିକେଟରେ ଦୁର୍ବଳ ଦଳ ବିବେଚିତ ହେଉଥିବା ବାଂଲାଦେଶ ଏବେ ନୂଆ ଚାମ୍ପିୟନ ଭାବେ ଉଭା ହୋଇଛି। ସିନିୟର କ୍ରିକେଟ ନୁହେଁ, ଜୁନିୟର ସ୍ତରରେ ବାଂଲାଦେଶ ଏହି ସଫଳତା ପାଇଛି। ସଦ୍ୟ ସମାପ୍ତ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ବାଂଲାଦେଶ ଚାମ୍ପିୟନ ହେବା ସହ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ବାଂଲାଦେଶ ଗତଥରର ଚାମ୍ପିୟନ ତଥା ହଟ୍ ଫେଭରାଇଟ ଭାରତକୁ ଫାଇନାଲରେ ହରାଇ ଏହି ସଫଳତା ପାଇଛି। ଅଣ୍ଡର ଡଗ ବିବେଚିତ ହେଉଥିଲେ ମଧ୍ୟ ବାଂଲାଦେଶ ବିଶ୍ୱର ଶକ୍ତିଶାଳୀ ଦଳଗୁଡିକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ଭବିଷ୍ୟତରେ ବାଂଲାଦେଶ ଏକ କ୍ରିକେଟ ମହାଶକ୍ତିରେ ପରିଣତ ହେବ ବୋଲି ଏହି ବିଶ୍ୱକପ୍ ଫଳାଫଳରୁ ଜଣାପଡିଛି।

ବାଂଲାଦେଶର ଏହି ସଫଳତା ଆକସ୍ମିକ ନ ଥିଲା। ନୂଆ ରଣନୀତି ସହ ଯୋଜନାବଦ୍ଧ ଭାବେ ଖେଳି ବାଂଲାଦେଶ ଶେଷରେ ସଫଳତା ହାସଲ କରିଛି। ସାର ଟୁର୍ନାମେଣ୍ଟରେ ବାଂଲାଦେଶର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ଗ୍ରୁପ୍ ସି'ରେ ପ୍ରଥମେ ଜିମ୍ବାୱେକୁ ଡକୱର୍ଥ ଲୁଇସ୍ ନିୟମରେ ୯ ଉଇକେଟରେ ପରାସ୍ତ କରିଥିଲା। ଏହାପରେ ବାଂଲାଦେଶ ସ୍କଟଲାଣ୍ଡକୁ ହରାଇଥିଲା। ତେବେ ବର୍ଷା କାରଣରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ବାତିଲ ହୋଇଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୧୦୪ ରନରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିରେ ନ୍ୟୁଜିଲାଣ୍ଡକୁ ୬ ଉଇକେଟରେ ହରାଇ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶେଷରେ ଫାଇନାଲରେ ଭାରତକୁ ୩ ଉଇକେଟରେ ହରାଇ ବାଂଲାଦେଶ ବାଜି ମାରିଥିଲା।

ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ଉପରେ ୪୮ଟି ମ୍ୟାଚ୍ ଖେଳାଯିବା ପରେ ଫଳାଫଳ ମିଳିଥିଲା। ଭାରତୀୟ ଓପନର ଯଶସ୍ୱୀ ଜୈସୁଆଲ ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ମୋଟ ୪୦୦ ରନ ସଂଗ୍ରହ କରିଥିଲେ। ଫାଇନାଲରେ ୮୮ ରନ ସଂଗ୍ରହ କରିବା ସହ ସେ ବିଶ୍ୱକପ୍‌ରେ ୫ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ସେ କ୍ରମାଗତ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଟୁର୍ନାମେଣ୍ଟରେ ମଧ୍ୟ ସେ ୩ଟି ଉଇକେଟ ହାସଲ କରିଥିଲେ। ତେବେ ଶେଷରେ ତାଙ୍କର ଏହି ପ୍ରଦର୍ଶନ ନିଷ୍ଫଳ ହୋଇଥିଲା। ଆକବର ଅଲିଙ୍କ ନେତୃତ୍ୱରେ ବାଂଲାଦେଶ ଐତିହାସିକ ପ୍ରଦର୍ଶନ କରିଥିଲା। ଏହି ବିଜୟ ବାଂଲାଦେଶ କ୍ରିକେଟକୁ ନୂଆ ଦିଶା ଦେବାରେ ଉତ୍ସାହିତ କରିବ। ବିଶ୍ୱ କ୍ରିକେଟରେ ବାଂଲାଦେଶକୁ ଆଉ ହେୟ ମନେ କରିବାର ଭୁଲ କରିବେ ନାହିଁ ବଡ଼ ବଡ଼ ଦେଶଗୁଡିକ। ପୂର୍ବରୁ ବାଂଲାଦେଶ ବିଶ୍ୱକପ୍ ସମେତ ବଡ଼ ଟୁର୍ନାମେଣ୍ଟଗୁଡିକରେ ଏକାଧିକ ବାର ବିପର୍ଯ୍ୟୟ ଘଟାଇ ହଇଚଇ ସୃଷ୍ଟି କରିବାର ଉଦାହରଣ ରହିଛି। ଆଗକୁ ବାଂଲାଦେଶ କ୍ରିକେଟ ଆହୁରି ସଫଳତା ହାସଲ କରିବ ବୋଲି ଏହି ଜୁନିୟର ବିଶ୍ୱକପ୍ ଫଳାଫଳରୁ ଅନୁମାନ କରାଯାଇଛି।



# ଅଲୋଡ଼ା

ନ୍ୟୁଜିଲାଣ୍ଡକୁ ନ୍ୟୁଜିଲାଣ୍ଡରେ
ଟି୨୦ ହରାଇ ଷଣ୍ଢ
ବନିଥିବା ଟିମ୍ ବିରାଟ ବାହିନୀ
ୱାନ୍‌ଡେରେ ବିଚାରା ଭାଣ୍ଡ
କାମ କରୁନାହିଁ ମୁଣ୍ଡ
ଦୀର୍ଘ ବର୍ଷ ପରେ ଏ ହ୍ୱାଇଟ୍‌ୱାଶ୍
ଅଲୋଡ଼ା ରେକର୍ଡ ଧଣ୍ଡ।୧।

୧୯ ବର୍ଷରୁ କମ୍ ଆଇସିସି
ୱାର୍ଲ୍ଡ କପ୍‌ରେ ଦେଶ
ସର୍ବାଧିକ ୪ ଟାଇଟଲ ଜିତି
ରହିଗଲା ଅବସୋସ
ଜିତି ଜିରୋ ବାଂଲାଦେଶ
ବ୍ୟାଡମ୍ୟାନର, ସ୍ଲେଜିଂ ପାଇଁକି ଅଲୋଡ଼ା
ସେ ସବୁ ଖେଳାଳି କଷ।୨।



ମୋ ଘୋଡ଼ାର ନାମ 'ଆଜାଦ କଶ୍ମୀର'
ପାକିସ୍ତାନ ଉସ୍‌ମାନ
ନାମ ଚେଞ୍ଜ୍ କଥା ପ୍ରଶ୍ନ ଉଠୁନାହିଁ
କହୁ ଅଛି ଦିଅ ଧ୍ୟାନ
ମଲ୍ଲୀ ମହକାଏ ବନ
କାମ ଶୂନ ବ୍ୟକ୍ତି ଲୋକ ହସା ହୁଏ
ଅଲୋଡ଼ାରେ ଗଣା ଘନ।୩।

–ସୁବାସ ଚନ୍ଦ୍ର ପ୍ରଧାନ




# ଜଳକ୍ରୀଡ଼ା ବିକାଶରେ ଓଡ଼ିଶାକୁ ସାହାଯ୍ୟ କରିବ କେରଳ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ୱାଟର ସ୍ପୋର୍ଟସ ଟୁରିଜମ୍ ତଥା ଜଳ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ଲକ୍ଷ୍ୟରେ କେରଳ ଜାହାଜ ଚଳାଚଳ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମ ସହ ଏକ ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷର କରିଛି ଓଡ଼ିଶା ପର୍ଯ୍ୟଟନ। ଜଳକ୍ରୀଡ଼ା କ୍ଷେତ୍ରରେ ବୈଷୟିକ ସହଯୋଗ ପାଇଁ ଉଭୟ ରାଜ୍ୟ ମଧ୍ୟରେ ଏହି ଏମ୍ଓୟୁ ସ୍ୱାକ୍ଷର ହୋଇଛି। ତଦନୁଯାୟୀ, ରାଜ୍ୟରେ ଜଳକ୍ରୀଡ଼ା ସହ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ କରାଯିବ। ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା, ରାଜ୍ୟର ୪୮୨ କିମି ସୁଦୀର୍ଘ ଉପକୂଳ, ୮ ବୃହତ୍ ଜଳଭଣ୍ଡାର ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳାଶୟଗୁଡ଼ିକରେ ଜଳକ୍ରୀଡ଼ା, ଆମୋଦପୂର୍ଣ୍ଣ କ୍ରୀଡ଼ା ସହ ହାଉସ୍-ବୋଟ ଭଳି ପର୍ଯ୍ୟଟନଧର୍ମୀ କାର୍ଯ୍ୟକ୍ରମ କରାଯିବ। କେରଳ ଶିପିଂ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମ ତରଫରୁ ଏହାର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାୟାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏମ୍ଓୟୁ ସ୍ୱାକ୍ଷର କରିଥିଲେ। ଏହି ଉଦ୍ୟମ ଓଡ଼ିଶାରେ ଜଳକ୍ରୀଡ଼ାର ବିକାଶ କରିବାରେ ଯଥେଷ୍ଟ ସହାୟକ ହେବ ବୋଲି ନାୟାର କହିଛନ୍ତି।


ଏମ୍ଓୟୁ ବେଳେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ କେରଳ ବୈଷୟିକ ଟିମ୍‌ର ସଦସ୍ୟ ଓ ଅନ୍ୟମାନେ।

ଏହି ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି ପର୍ଯ୍ୟଟନ କ୍ଷେତ୍ରରେ ଥିବା ଭିତ୍ତିଭୂମିର ଉନ୍ନତି ଲାଗି ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ବୋଲି କହିଛନ୍ତି। ଗତବର୍ଷ ଜୁଲାଇରେ ପର୍ଯ୍ୟଟନ ବିଭାଗ ଦ୍ୱାରା ଜଳକ୍ରୀଡ଼ା ସଞ୍ଚାଳକ ଓ ନିବେଶକମାନଙ୍କୁ ନେଇ ଚିଲିକା, ଟାମ୍ପରା ହ୍ରଦ, ଭିତରକନିକା, ଗୋପାଳପୁର ବେଳାଭୂମିରେ ଆୟୋଜନ ହୋଇଥିବା ଫ୍ୟାମ୍ ଟ୍ରିପ୍ ପରେ ରାଜ୍ୟ ସରକାର ଜଳକ୍ରୀଡ଼ା କ୍ଷେତ୍ରରେ ଅନେକ ସିଙ୍ଗଲ ୱିଣ୍ଡୋ ପ୍ରସ୍ତାବ ପାଇଛନ୍ତି। ସେଥିରୁ ଟାମ୍ପରା, ଗୋପାଳପୁର, ବରକୂଳ, ଚନ୍ଦ୍ରଭାଗା ଓ କଟକ ନରାଜ ଭଳି ୫ ଜଳକ୍ରୀଡ଼ା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ବିଭାଗ ପକ୍ଷରୁ ଚିଲିକାର କେତେକ ନିର୍ଦ୍ଧାରିତ ସ୍ଥାନରେ ରେସ୍ତୋରାଁ ଚଳାଇବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି। ଜଳକ୍ରୀଡ଼ା ବ୍ୟତୀତ ଚିଲିକା, ଭିତରକନିକା ଓ ହୀରାକୁଦ ଜଳଭଣ୍ଡାରରେ ହାଉସ୍‌ବୋଟ ପ୍ରଚଳନ କରିବା ପାଇଁ ସ୍ଥିର ହୋଇଛି। ଜଳକ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କେରଳ

## ୨ ରାଜ୍ୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ରାଜ୍ୟ ଏ କ୍ଷେତ୍ରରେ ଏକ ଅଭିଜ୍ଞ ସହଯୋଗୀ ହୋଇପାରିବ ବୋଲି ବିଭାଗୀୟ ଶାସନ ସଚିବ ବିଶାଲ ଦେବ କହିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଜାତୀୟ ଜଳପଥ ଅଞ୍ଚଳର କେତେକ ଉପଯୁକ୍ତ ସ୍ଥାନରେ ନଦୀ ଜଳଯାତ୍ରା କରିବା ପାଇଁ ପଦକ୍ଷେପ ନେଇଥିବାବେଳେ ଭାରତ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଏବଂ ଓଡ଼ିଶା ଆଭ୍ୟନ୍ତରୀଣ ଜଳ-ପରିବହନ ବିଭାଗ ଏ ଦିଗରେ ସମ୍ଭାବ୍ୟ ଅନୁଧ୍ୟାନ କରିବାକୁ ଲକ୍ଷ୍ୟ ରଖିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମ୍ଓୟୁ ସ୍ୱାକ୍ଷର ବେଳେ କେରଳ ଶିପିଂ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମ ବୈଷୟିକ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଏମାନେ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ବ୍ୟାପକ ଅନୁଧ୍ୟାନ କରିବା ସହ ସରକାରଙ୍କୁ ତାଙ୍କର ପ୍ରାଥମିକ ରିପୋର୍ଟ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

# କୂଆଖାଇ ପଠାରେ ବ୍ରାଉନସୁଗାର ବେପାର

- ୯.୬ ଗ୍ରାମ ବ୍ରାଉନସୁଗାର, ସ୍କୁଟି ଜବତ
- ଖସିଯାଉଥିବା ଅଭିଯୁକ୍ତଙ୍କୁ କାବୁକଲା ପୋଲିସ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ୍ ପରେ ବ୍ରାଉନସୁଗାର ମାଫିଆମାନେ ସେମାନଙ୍କ କାରବାରର ତରିକା ବଦଳାଇଛନ୍ତି। ପୁରୁଣା ସ୍ଥାନ ଛାଡ଼ି ନୂଆ ନିଛାଟିଆ ସ୍ଥାନରେ ବେପାର ଜମାଇଛନ୍ତି। ବାରମ୍ବାର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ରାଜଧାନୀରେ ଏହି ବେଆଇନ କାରବାରକୁ ବନ୍ଦ କରିପାରୁନି ପୋଲିସ। କୂଆଖାଇ ନଦୀ ପଠାରେ ଚାଲୁଛି ବ୍ରାଉନସୁଗାର ବେପାର। ଖବର ପହଞ୍ଚିବା ପରେ କମିଶନରେଟ ପୋଲିସ ପଦକ୍ଷେପ ଆରମ୍ଭ କରିଛି। ଗୁରୁବାର କୂଆଖାଇ ପଠାରେ ବ୍ରାଉନସୁଗାର ବିକ୍ରି ଚାଲିଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଚଢ଼ାଉ କରି ସେଠାରୁ ୯.୫ ଗ୍ରାମ ବ୍ରାଉନସୁଗାର ସହ ଏକ ସ୍କୁଟି ଜବତ କରିଛି। ତେବେ ଖସି ପଳାଉଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ସେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ବିନୋଦ କୁମାର ସେଠୀ। ଏ ନେଇ ପୋଲିସ ଏକ ମାମଲା (ନଂ. ୬୭/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଅଭିଯୁକ୍ତ ବିନୋଦ ବାଲିଅନ୍ତା ଥାନା ଅନ୍ତର୍ଗତ ନଖରା ଓମ୍‌ଫେଡ ଛକ ନିକଟରେ ଏକ ଘର ଭଡା ନେଇ ରହିବା ସହ ରାଜଧାନୀର ବିଭିନ୍ନ ସ୍ଥାନରେ ସ୍କୁଟିରେ ବୁଲି ବ୍ରାଉନସୁଗାର ବିକ୍ରି କରନ୍ତି। ପୋଲିସ ନଜରରୁ ବର୍ତ୍ତିବା ପାଇଁ ସେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରି ବେପାର ଚଳାଇଥିଲେ। ମଞ୍ଚେଶ୍ୱର ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀଙ୍କ ନିକଟରେ ଖବର ପହଞ୍ଚିବା ପରେ ଏସ୍‌ଆଇ ଷ୍ଟାଲିନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ କୁଆଖାଇ ପଠାରେ ଚଢାଉ କରିଥିଲା। ତେବେ ବିନୋଦ ଧରାପଡିଥିଲେ ମଧ୍ୟ କେତେଜଣ ବ୍ରାଉନସୁଗାର ସେବନକାରୀ ଖସି ପଳାଇଥିବା ଜଣାପଡିଛି।




36
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ମହିଳା ଗୁରୁତର

ବାଙ୍କୀ, ୧୩।୨ (ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁନାଦେଈ ରାସ୍ତାର ପଣ୍ଡା ସମିଲ ନିକଟ ବନ୍ଧ ପାଖରେ ଗୁରୁବାର ଜଣେ ମହିଳା ମାଙ୍କଡ଼ କାମୁଡାରେ ଗୁରୁତର ହୋଇଛନ୍ତି ସେ ହେଲେ ସ୍ଥାନୀୟ ଅଞ୍ଚଳର କାହ୍ନୁଚରଣ ସାହୁଙ୍କ ସ୍ତ୍ରୀ ହୀରାମଣି (୬୨)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ସମିଲ୍ ନିକଟ ମହାନଦୀ ତୁଠରୁ ଗାଧୋଇ ଘରକୁ ଫେରୁଥିବା ବେଳେ ବନ୍ଧ ନିକଟରେ ଏକ ହନୁମାଙ୍କଡ଼ ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲା। ପାଟିଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଏକ ଅଟୋରେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା।

### ପଥର ବୋଝେଇ ୨ ଟ୍ରାକ୍ଟର, ଟ୍ରକ୍ ଜବତ

ତିଗିରିଆ, ୧୩।୨(ଡି.ଏନ୍.ଏ.): ତିଗିରିଆ ତହସିଲ ପକ୍ଷରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ବେଳେ ୨ ଟ୍ରାକ୍ଟର ଓ ଗୋଟିଏ ଟ୍ରକ ଜବତ କରାଯାଇଛି। ଏବାବଦରେ ୫୭,୧୨୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ବୁଧବାର ସକାଳେ ତିଗିରିଆ ତହସିଲଦାର ପରେଶ କୁମାର ନାୟକ ଭେଜିଆ ଅଞ୍ଚଳରେ ଚଢ଼ାଉ କରି ୨ଟି କଳା ମେଟାଲ ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ପରେ କୁମ୍ଭୀପୁଟ ଅଞ୍ଚଳରୁ ଏକ ମାଙ୍କଡ଼ା ବୋଝେଇ ଟ୍ରକକୁ ଜବତ କରିଥିଲେ। ଜବତ ୨ ଟ୍ରାକ୍ଟରଠାରୁ ୨୭,୧୨୮ ଟଙ୍କା ଏବଂ ଟ୍ରକଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ ଓ ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ସହଯୋଗ କରିଥିଲେ।

### ବାଙ୍କୀ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ
### ୫-ଟି, ମୋ ସରକାର ଉପରେ ଗୁରୁତ୍ୱାରୋପ

ବାଙ୍କୀ, ୧୩।୨ (ସ୍ୱ.ପ୍ର): ବାଙ୍କୀ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତିର ଅଧକ୍ଷା ପୁଷ୍ପଲତା ସାମନ୍ତ ସଭାପତିତ୍ୱ କରିଥିଲେ। ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାରଙ୍କର ୫-ଟି ଓ ମୋ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବାଙ୍କୀର ଧୀରେନ କୁମାର ନାୟକ, ବୀରେନ୍ଦ୍ର କୁମାର ତ୍ରିପାଠୀ, କୁମାରୀ ଋତୁପୂର୍ଣ୍ଣା ମହାପାତ୍ର, କୁମାରୀ ପୁଷ୍ପଲତା ସେଠୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବୈଠକର ବିବରଣୀ ପାଠ କରାଯାଇ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବ୍ଲକ ଉପାଧକ୍ଷ ମଦନ ମୋହନ ନାୟକ, ଜିଲା ପରିଷଦସଭ୍ୟ ମାନସ ମହାପାତ୍ରଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ।

# ବିପଦସଙ୍କୁଳ ବିଦ୍ୟୁତ୍ ତାର, ମୁକୁଳା ଟ୍ରାନ୍ସଫର୍ମର

## ସାଲେପୁର ପ୍ରଶାସନର ଚେତା ପଶୁନି

ସାଲେପୁର, ୧୩।୨(ଡି.ଏନ୍.ଏ.)

ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ସଂସର୍ଶରେ ଆସି ରାଜ୍ୟରେ ବହୁ ଲୋକଙ୍କ ଜୀବନ ଯାଉଛି। ଗତ ୯ ତାରିଖରେ ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ଛକରେ ଏକ ଘରୋଇ ବସ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାସତ୍ତ୍ୱେ ବିଦ୍ୟୁତ୍ ବିଭାଗର ଚେତା ପଶୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଟକ ଜିଲାର ସାଲେପୁର ବ୍ଲକରେ ବିଭିନ୍ନ ସ୍ଥାନରେ ବିଦୁତ୍ ତାର ଓ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏନେଇ ବିଭାଗୀୟ ଅଧିକାରୀ ନିକଟରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅଧୀନରେ ଜପକୁଦ, ଛାଣିପୁର, ରାଇସୁଙ୍ଗୁଡା, ମନୋହରପୁର,



ରାସ୍ତା କଡ଼ରେ ମୁକୁଳା ଟ୍ରାନ୍ସଫର୍ମର।

କୁସମ୍ଭୀ, ପିକୋଳ, ବୋଦାମୁଣ୍ଡାଇ, ଚନ୍ଦ୍ରାଦେଇପୁର, ଲୁଣାହାର, ମାଛୁଆତି, ରୋଧପୁର, ବଟେଶ୍ୱର, ଶିଶୁଆ, ନଇଗୁଆଁ ଓ ନାନ୍ଦୋଳ ସମେତ ଦ୍ୱିପାଞ୍ଚଳର ପୁରୁଣାହାଟ, ରଟିଲୋ, ସୁଧଖଣ୍ଡ, ତରିତୋର ଆଦି ଅଞ୍ଚଳ ରହିଛି। ମାତ୍ର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ବିଦ୍ୟୁତ୍ ତାର ଝୁଲି ରହିଛି। ଫଳରେ ଭବିଷ୍ୟତରେ କୌଣସି ବଡ ଧରଣର ଦୁର୍ଘଟଣାକୁ ଏଡାଇ ଦେଇ ହେବନି। ସେହିପରି ସାଲେପୁର ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ହାଇସ୍କୁଲ ଖେଳ ପଡିଆ, ହାଟ, ଏସ୍‌ଡିପିଓ କାର୍ଯ୍ୟାଳୟ, ମହାନ୍ତି ସାହି ଛକ, ସପନପୁର ଛକ ଆଦି ନିକଟରେ ମୁକଳା ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ଚର୍ତୁଃପାର୍ଶ୍ୱରେ ସୁରକ୍ଷାବାଡ ନିର୍ମାଣ କରିବା ନିମନ୍ତେ ନିୟମ ଥିବା ବେଳେ ସାଲେପୁର ବିଦ୍ୟୁତ୍ ବିଭାଗପକ୍ଷରୁ ବହୁ ସ୍ଥାନରେ ଖୋଲାରେ ଟ୍ରାନ୍ସଫର୍ମର ବସାଯାଇଛି। ଏଥିଯୋଗୁ ଅଧିକାଂଶ ସମୟରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ବହୁ ଛେଳି ଓ ଗୋରୁଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ତଳକୁ ଓହଳିଥିବା ବିଦ୍ୟୁତ୍ ତାର ଓ ଖୋଲାରେ ବସିଥିବା ଟ୍ରାନ୍ସଫର୍ମର ଗୁଡିକୁ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସାଲେପୁର ସେସୁ ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ଜେନା କହିଛନ୍ତି, ଯେଉଁ ସ୍ଥାନଗୁଡିକରେ ଟ୍ରାନ୍ସଫର୍ମର ମୁକୁଳା ରହିଛି ସେଠାରେ ସୁରକ୍ଷା ବାଡ କରାଯିବା ସହ ତଳକୁ ଓହଳିଥିବା ତାରଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି। ଏଥିସହ ବିପଦଜ୍ଜନକ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟିର ଖବର ମିଳିବା ମାତ୍ରେ ତୁରନ୍ତ ସମାଧାନ କରାଯାଉଛି ବୋଲି ସେ କହିଛନ୍ତି।

# ଚତୁର୍ଥ ବିବାହ ଉଦ୍ୟମ ପଣ୍ଡ: ଡ୍ରାଇଭର ହଟହଟା

ସାଲେପୁର, ୧୩।୨(ଡି.ଏନ୍.ଏ.)

ସାଲେପୁର ଅଞ୍ଚଳର ଜଣେ କାର୍ ଡ୍ରାଇଭର ୩ ଜଣଙ୍କୁ ବିବାହ କରିବାପରେ ଗୁରୁବାର ଚତୁର୍ଥ ବିବାହ ଉଦ୍ୟମ ପଣ୍ଡ ହୋଇଥିବା ବେଳେ ହଟହଟା ହେବାକୁ ପଡ଼ିଛି। ୨ୟ ସ୍ତ୍ରୀଙ୍କଠାରୁ ଖବରପାଇ କାର ମାଲିକ ଜିପିଆର୍‌ଏସ୍ ଜରିଆରେ କାରକୁ ଠାବ କରି ଡାଇଭରଙ୍କୁ ସାଲେପୁର ଥାନାରେ ଜିମା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଯୁବକଙ୍କ ଘର ପାଟକୁରା ଅଞ୍ଚଳରେ ହୋଇଥିବା ବେଳେ ସେ ସାଲେପୁରରେ ରହି କାର୍ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ପ୍ରଥମ ସ୍ତ୍ରୀ ପାଟକୁରାରେ ଥିବାବେଳେ

## ବିବାହ ପାଇଁ ମହିଳାଙ୍କୁ ନେଉଥିଲେ ପୁରୀ

ଅନ୍ୟ ୨ ଜଣଙ୍କୁ ବିବାହ କରି ସେ ସାଲେପୁରଠାରେ ଘର ଭଡ଼ା ନେଇ ରଖିଛନ୍ତି। ଗୁରୁବାର ଚତୁର୍ଥ ବିବାହ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଡ୍ରାଇଭର ୨ଟି ସନ୍ତାନ ଥିବା ଜଣେ ମହିଳାଙ୍କୁ କାର୍‌ରେ ନେଇ ପୁରୀ ଯାଉଥିଲେ। ଏନେଇ ତାଙ୍କ ୨ୟ ସ୍ତ୍ରୀ କାର ମାଲିକଙ୍କୁ ଜଣାଇଥିଲେ। ଏହାପରେ ମାଲିକ ଗାଡ଼ିରେ ଲାଗିଥିବା ଜିପିଆରଏସ୍ ଜରିଆରେ ସମ୍ପୃକ୍ତ ଡାଇଭରଙ୍କୁ କଟକରୁ ଧରି ସାଲେପୁର ଥାନାକୁ ନେଇଥିଲେ। ପରେ ଆପୋସ ବୁଝାମଣାରେ ଘଟଣାର ସମାଧାନ ହୋଇଯାଇଛି।

### ଅବକାରୀ ସ୍କ୍ୱାଡ୍ ହାତରୁ ଅଭିଯୁକ୍ତ ଖସିଯିବା ଘଟଣା
# ଧରାପଡ଼ିବା ପରେ କୋର୍ଟଚାଲାଣ

ବଡମ୍ବା, ୧୩।୨(ଡି.ଏନ୍.ଏ.)

ଅବକାରୀ ସ୍କ୍ୱାଡ୍ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ବେଳେ ଖସିଯାଇଥିବା ଅଭିଯୁକ୍ତ ପୁନର୍ବାର ଧରାପଡ଼ିବା ପରେ ଗୁରୁବାର କୋର୍ଟ ଚାଲାଣ ହୋଇଛନ୍ତି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ନରେଶ ବେହେରା(୩୦)। ଜାମିନ୍ ନ ମିଳିବାରୁ ତାଙ୍କୁ ବଡମ୍ବା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। କୋର୍ଟରେ ତାଙ୍କ ବିରୋଧରେ ମାମଲା ନଂ.୨(ଏ)ସିସି.୬/୨୦ ରୁଜୁ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ ନରେଶଙ୍କ ସମେତ ଅନ୍ୟ ୨ ଅଭିଯୁକ୍ତଙ୍କୁ ବୁଧବାର ଅବକାରୀ ସ୍କ୍ୱାଡ୍ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଥିଲା।



ଅଭିଯୁକ୍ତ ନରେଶ ବେହେରା।

ଏହି ସମୟରେ ଅଭିଯୁକ୍ତ ନରେଶ ଚତୁରତାର ସହ ଗାଡିରୁ ଡେଇଁ ଫେରାର୍ ହୋଇଯାଇଥିଲେ। ରାତି ପ୍ରାୟ ୮ଟା ବେଳେ ମହୁଲିଆ ଗ୍ରାମ ନିକଟ ଏକ ରାସ୍ତାରୁ ଅବକାରୀ ସ୍କ୍ୱାଡ୍ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲା।

# ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ: ଯୁବକଙ୍କୁ କଟୁରିରେ ଆକ୍ରମଣ

ଆଠଗଡ, ୧୩।୨(ସ୍ୱ.ପ୍ର.)

ଆଠଗଡ଼ ଖୁଣ୍ଟୁଣୀ ମଧ୍ୟବର୍ତ୍ତୀ ସାପୁଆ-କଣ୍ଟିଆ ସେତୁ ନିକଟରେ ଜଣେ ଯୁବକଙ୍କୁ ଗୁରୁବାର କଟୁରିରେ ଆକ୍ରମଣ ହୋଇଛି। ସେ ହେଲେ ସଠିଲୋ ଗ୍ରାମ ଅନ୍ତର୍ଗତ ଆଠଘରିଆ ସାହିର ସୁଶାନ୍ତ ଗଣ୍ଡିଆଙ୍କ ପୁଅ ବୈକୁଣ୍ଠ ଓରଫ ରାଜୁ (୨୩)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଧବପୁରସ୍ଥିତ ଗୋପବନ୍ଧୁ ଆୟୁର୍ବିଜ୍ଞାନ ଚିକିତ୍ସାଳୟ ଓ ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି। ସ୍ତ୍ରୀଙ୍କ ସହ ଖରାପ ସମ୍ପର୍କ ଥିବା ସନ୍ଦେହ କରି ଜଣେ ବ୍ୟକ୍ତି ବୈକୁଣ୍ଠଙ୍କୁ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି। ଅଭିଯୁକ୍ତ ଜଣକ ବାରଙ୍ଗ ଅଞ୍ଚଳର ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଏହି ଗ୍ରାମରେ ରହୁଥିଲେ । କିଛି ଦିନ ପୂର୍ବେ ଅଭିଯୁକ୍ତଙ୍କ ସ୍ତ୍ରୀ ଆଠଗଡ଼ ଥାନାରେ ସ୍ୱାମୀଙ୍କ ବିରୋଧରେ ଯୌତୁକଜନିତ ମାମଲା ରୁଜୁ କରିଥିଲେ। ଅପରପକ୍ଷେ ସ୍ତ୍ରୀଙ୍କ ଏହି ଗ୍ରାମର ବୈକୁଣ୍ଠଙ୍କ ସହ ସମ୍ପର୍କ ଗଢ଼ି ଉଠିଥିବା ନେଇ ଅଭିଯୁକ୍ତଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଏନେଇ ସେ ୪ ଦିନ ହେବ ବାରଙ୍ଗରୁ ଆସି ଗ୍ରାମରେ ରହି ବୈକୁଣ୍ଠଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ବୈକୁଣ୍ଠ ଘଣ୍ଟିଖାଲସ୍ଥିତ ଏକ ଷ୍ଟିଲ କମ୍ପାନୀରେ କାର୍ଯ୍ୟ କରନ୍ତି। ଗୁରୁବାର କାମ ସାରି ଘରକୁ ଫେରୁଥିବା ବେଳେ ସାପୁଆ-କଣ୍ଟିଆ ସେତୁ ନିକଟରେ ଯୋଜନା ମୁତାବକ ପୂର୍ବରୁ ଲୁଚି ରହିଥିବା ଅଭିଯୁକ୍ତ ଓ ଅନ୍ୟ ଜଣେ ସହଯୋଗୀ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ବୈକୁଣ୍ଠଙ୍କ ଚିତ୍କାର ଶୁଣି ନିକଟ ବିଲରେ କାମ କରୁଥିବା ଲୋକେ ଦୌଡି ଆସିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ଖୁଣ୍ଟୁଣୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ବାଇକ ଜବତ କରିବା ସହ ତଦନ୍ତ ଚଳାଇଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରୀ ବୈଠକ

ବଡମ୍ବା, ୧୩।୨(ଡି.ଏନ୍.ଏ)

ବଡମ୍ବା ବ୍ଲକ ମାନପୁର ଗ୍ରାମସ୍ଥିତ କଲ୍ୟାଣମଣ୍ଡପରେ ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ ସଭାପତି ଡ.ଅନ୍ତର୍ଯ୍ୟାମୀ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ସପ୍ତରାଜ୍ୟ ସଭାପତି, କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଏଥିରେ ବଡମ୍ବା ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସପ୍ତରାଜ୍ୟ ତୈଳିକ ବୈଶ୍ୟସମାଜ ଉପସଭାପତି ଚୈତନ୍ୟ ସାହୁ, କୋଷାଧକ୍ଷ ରମେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ ସମ୍ପାଦକ ଶିକ୍ଷାବିତ୍ ବ୍ରଜବନ୍ଧୁ ସାହୁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ପ୍ରଥମ ସେମିରେ ବଜରଙ୍ଗୀ କ୍ଲବ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ନରସିଂହପୁର, ୧୩।୨ (ଡି.ଏନ୍.ଏ.)

ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଗ୍ରାମସ୍ଥିତ ମିନି ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । କାନପୁର ଆଞ୍ଚଳିକ ଆଥଲେଟିକ ଆସୋସିଏଶନ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବଜରଙ୍ଗୀ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଛି। ଏହି ମ୍ୟାଚ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱର ଓ ଜାରକା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବଜରଙ୍ଗୀ କ୍ଲବ ଘାଟକିଆ ଭୁବନେଶ୍ୱର ୨-୧ଟି ଗୋଲ କରି ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲି ଦେବାକୁ ସକ୍ଷମ ନ ହେବାରୁ ଭୁବନେଶ୍ୱର ବିଜୟୀ ହୋଇଥିଲା। ମ୍ୟାଚରେ ଅତିଥିଭାବେ ପ୍ରାକ୍ତନ ଅଧ୍ୟାପକ ଅଦ୍ୱୈତ୍ୟ ପ୍ରସାଦ ପଣ୍ଡା, ଅଲେଖ ପ୍ରସାଦ ସାହୁ, ଆସୋସିଏଶନର ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ସତୀଶ ଚନ୍ଦ୍ର ସାହୁ ଓ କାହ୍ନୁ ଚରଣ ଜେନା ଯୋଗ ଦେଇଥିଲେ। ରେଫରି ଭାବେ ମ୍ୟାଚରେ ଅବିନାଶ ପଟ୍ଟନାୟକ, ସତୀକାନ୍ତ ଦାଶିଆ, ଆଦର୍ଶ ମହାପାତ୍ର, ମନୋରଞ୍ଜନ ଖୁଣ୍ଟିଆ, ସନାତନ ପ୍ରଧାନ, ସୁଜ୍ଞାନୀ ବହିଆ, ସୁଦାମ ଚରଣ ରଣା ପ୍ରମୁଖ ସହଯୋଗ କରିଥିଲେ।

# କୁଷ୍ଠମୁକ୍ତ ସମ୍ପର୍କିତ ସଚେତନତା ରଥ ଉଦ୍‌ଘାଟିତ

ବାଙ୍କୀ, ୧୩।୨ (ସ୍ୱ.ପ୍ର)

ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରବାର କୁଷ୍ଠମୁକ୍ତ ଅଭିଯାନ ସମ୍ପର୍କରେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଏହାର ନାମ 'ଶାମ୍ଭ' ରଖାଯାଇଛି। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱଜିତ୍ ପଣ୍ଡା ରଥକୁ ଉଦ୍‌ଘାଟନ କରିଥିଲେ। ଡମପଡ଼ାକୁ ସମ୍ପୂର୍ଣ୍ଣଭାବରେ କୁଷ୍ଠମୁକ୍ତ କରିବା ପାଇଁ ସେ ଉପସ୍ଥିତ ଜନସାଧଣଙ୍କୁ ଅନୁରୋଧ କରିଥିଲେ। ଏଥରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଇ, ସ୍ୱାସ୍ଥ୍ୟ କାର୍ଯ୍ୟକାରୀ ଅଧିକାରୀ ଅପର୍ଣ୍ଣା ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ୧୦ ଦିନ ଚାଲିବ ବୋଲି କହିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଆଶାକର୍ମୀ ଯୋଗଦେଇଥିଲେ।

# ୪ ବଖରା ଜଳିଗଲା: ଯୁବତୀ ଗୁରୁତର



ଜଳିଯାଇଥିବା ଘର।

ନରସିଂହପୁର, ୧୩।୨(ଡି.ଏନ୍.ଏ.)

ରୋଷେଇ କଲାବେଳେ ଗ୍ୟାସ୍ ଲିକ୍‌ରୁ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ବଖରା ଜଳିଯାଇଥିବା ବେଳେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ବାଲିଝରୀ ଗ୍ରାମରେ। ଗୁରତର ଜଣକ ହେଲେ ସୁରେନ୍ଦ୍ର ମହାରଣାଙ୍କ ଝିଅ ମୋନାଲିସା ମହାରଣା (୨୦)। ସେ ରୋଷେଇ କରୁଥିବା ବେଳେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ଅନ୍ୟଆଡ଼େ ବ୍ୟାପି ଯାଇଥିଲା। ଘରର ସମସ୍ତ ଆସବାବପତ୍ର ପୋଡିଯାଇଥିବା ବେଳେ ମୋନାଲିସା ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଖବରପାଇ ବାଲିଝରି ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସିଆରିଆ ରାଜସ୍ୱ ନିରୀକ୍ଷକ ଅନୁରାଧା ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ର ଆକଳନ କରିଛନ୍ତି। ବଡମ୍ବା ଇଣ୍ଡେନ ଗ୍ୟାସ୍ ବିତରକ ତନ୍ମୟ ମହାପାତ୍ର ସେଠାକୁ ଯାଇ ଘଟଣା ସମ୍ପର୍କରେ କମ୍ପାନୀକୁ ଅବଗତ କରାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ମନମୋହନ ନାୟକ ଓ ପୂର୍ବତନ ଜିଲାପରିଷଦ ସଭ୍ୟ ମହେଶ୍ୱର ସେଠୀ ଦାବି କରିଛନ୍ତି।

# ମା' ବନ୍ଧବାସେଳି ଚାମ୍ପିୟନ

## ଅପର୍ତ୍ତି ବେହେରା ସ୍ମାରକୀ ପ୍ରିମିୟର ଲିଗ୍

ନରାଜ, ୧୩।୨ (ଡି.ଏନ୍.ଏ.)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ପଞ୍ଚାୟତର ସାନମୁଣ୍ଡଳି ଖେଳ ପଡିଆରେ ଅପର୍ତ୍ତି ବେହେରା ସ୍ମାରକୀ ପ୍ରିମିୟର ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଖେଳରେ ପଞ୍ଚାୟତର ୪ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ମା' ବନ୍ଧବାସେଳି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ମା ବନ୍ଧବାସେଳି ଓ ଏସ୍‌ବି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସ୍‌ବି ୱାରିୟର ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୫ ଓଭଇରରେ ୯ ଉଇକେଟ୍ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ମା'ବନ୍ଧବାସେଳି ୪ ଉକେଟ ହରାଇ ୧୨ ଓଭର ବ୍ୟାଟିଂ କରି ୧୨୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲ। ମା'ବନ୍ଧବାସେଳି ଦଳର ଜୀବନ ଜେନା ମ୍ୟାନ ଅଫଦି ମ୍ୟାଚ ଓ ବିବେକ ଜେନା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠି ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୭ ହଜାର ଟଙ୍କା ଓ ଉପବିଜେତା ଦଳକୁ ୬ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଶ୍ରୀକାନ୍ତ କୁମାର ଜେନା, ସାମାଜିକ କର୍ମୀ କରୁଣାକର ତ୍ୟାଗୀ ଓ ସରୋଜ ସାହୁ ଯୋଗ ଦେଇଥିଲେ। ଅମ୍ପାୟାର ଭାବେ ଲକ୍ଷ୍ମୀଧର ସୁତାର ଓ ତପନ ଦଳାଇ ମ୍ୟାଚ ପରିଚାଳନା କରିଥିଲେ। ସଚିନ୍ଦ୍ର ବେହେରା, କାଳନ୍ଦି ସାହୁ, ସରୋଜ ଲେଙ୍କା, ରାମଚନ୍ଦ୍ର ବେହେରା ଓ ଦେବେନ୍ଦ୍ର କୁମାର ଦଳାଇ ଏଥିରେ ସହଯୋଗ କରିଥିଲେ।



ଚାମ୍ପିୟନ୍ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

# ଚୋରା ମଦ ବେପାରୀଙ୍କୁ ମହିଳାଙ୍କ ଚେତାବନୀ

ତିଗିରିଆ, ୧୩।୨(ଡି.ଏନ.ଏ.)

ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତରେ ମଦ ବିରୋଧି ଆନ୍ଦୋଳନ କ୍ରମେ ତେଜିବାରେ ଲାଗିଛି। ବାରମ୍ବାର ପ୍ରଶାସନକୁ ଚୋରା ମଦ ବେପାର ସମ୍ପର୍କରେ ଅବଗତ କରାଯିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମିତିସଭ୍ୟ ଅନୁପମା ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ପାଞ୍ଚଗାଁର ୪୦ରୁ ଊର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ତହସିଲଦାର ପରେଶ କୁମାର ନାୟକଙ୍କୁ ଭେଟିଥିଲେ। ଗୁରୁବାର ମହିଳାମାନେ ପାଞ୍ଚଗାଁ ଅନ୍ତର୍ଗତ ନୂଆସଡ଼କ ଓ ପୋପରା ଆଦି ଅଞ୍ଚଳରେ ବୁଲିବୁଲି ଚୋରା ମଦ ବେପାରୀଙ୍କୁ ଚେତାବନୀ ଦେଇଛନ୍ତି। ଏହାଛଡ଼ା ପ୍ରଶାସନିକସ୍ତରରେ ଚୋରା ମଦ କାରବାରକୁ ରୋକିବାକୁ କାର୍ଯ୍ୟାନୁଷ୍ଠାନ



ମଦ ବିରୋଧରେ ଏକତ୍ରିତ ହୋଇଥିବା ମହିଳାମାନେ।

## ପାଞ୍ଚଗାଁରେ ତେଜୁଛି ମଦ ବିରୋଧୀ ଆନ୍ଦୋଳନ

ନିଆ ନ ଗଲେ ଆନ୍ଦୋଳନ କରିବା ପାଇଁ ମହିଳାମାନେ ଆଲୋଚନା କରିଛନ୍ତି। ଗତ ୩ବର୍ଷ ହେବ ଏନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଛି ବୋଲି ଲୋକେ କହିଛନ୍ତି।



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।

- ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ଏଲ୍ଇଡି ଲାଇଟ୍ କିଣାରେ ଅନିୟମିତତା ତଦନ୍ତକାରୀ ଅଧିକାରୀଙ୍କ ଉପରେ ପ୍ରଶ୍ନ ଉଠାଇଲା ଭାଜପା

**କଟକ ସଦର, ୧୩।୨ (ଡି.ଏନ୍.ଏ.):** କଟକ ସଦର ସମେତ ଜିଲାର ଅଧିକାଂଶ ବ୍ଲକରେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରାଯାଇ ଏଲ୍ଇଡି ଲାଇଟ୍ ଲଗାଯାଇଛି। ପ୍ରାଥମିକ ତଦନ୍ତରେ ୫୭ଟି ପଞ୍ଚାୟତର ସରପଞ୍ଚ ଏଭଳି ଅନିୟମିତତା ସମ୍ପୃକ୍ତ ରହିଥିବାରୁ ଏହାର ତଦନ୍ତ ଦାୟିତ୍ୱ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଦେଇଛନ୍ତି। ମାତ୍ର ତଦନ୍ତକାରୀ ଅଧିକାରୀଙ୍କ ବିଶ୍ୱସନୀୟତା ଉପରେ ଭାଜପା ପ୍ରଶ୍ନ ଉଠାଇଛି। ଜଣେ ନିରପେକ୍ଷ ଅଧିକାରୀଙ୍କ ଦ୍ୱାରା ଏହି ଅନିୟମିତତାର ତଦନ୍ତ କରିବା ପାଇଁ ଭାଜପା ନେତା ଗୋକୁଳ ଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି। ୨୦୧୮ରୁ ବେଆଇନ ଲାଇଟ୍ କିଣା ବିଭିନ୍ନ ବ୍ଲକର ଅଧିକାଂଶ ପଞ୍ଚାୟତରେ କରାଯାଇଛି। ଏଥିରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀ କିପରି ଜାଣିପାରିଲେ ନାହିଁ, ତାହାର ତଦନ୍ତ ଆଗେ କରାଯିବା ଦରକାର ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିଜସ୍ୱ ନିଷ୍ପତ୍ତିରେ ପଞ୍ଚାୟତଗୁଡିକୁ ଲାଇଟ୍ କିଣିବା ପାଇଁ କ୍ଷମତା ପ୍ରଦାନ କରି ନ ଥିବା ଜଣାପଡିଛି। ଅଭିଯୋଗ ସମ୍ପର୍କରେ କଟକ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଲିଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

### ମାଙ୍କଡ଼ କାମୁଡ଼ାରେ ମହିଳା ଗୁରୁତର

**ବାଙ୍କୀ, ୧୩।୨ (ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁନାଦେଇ ରାସ୍ତାର ପଣ୍ଡା ସମିଲ ନିକଟ ବନ୍ଧ ପାଖରେ ଗୁରୁବାର ଜଣେ ମହିଳା ମାଙ୍କଡ଼ କାମୁଡାରେ ଗୁରୁତର ହୋଇଛନ୍ତି ସେ ହେଲେ ସ୍ଥାନୀୟ ଅଞ୍ଚଳର କାହ୍ନୁଚରଣ ସାହୁଙ୍କ ସ୍ତ୍ରୀ ହୀରାମଣି (୬୨)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ସମିଲ୍ ନିକଟ ମହାନଦୀ ତୁଠରୁ ଗାଧୋଇ ଘରକୁ ଫେରୁଥିବା ବେଳେ ବନ୍ଧ ନିକଟରେ ଏକ ହନୁମାଙ୍କଡ଼ ଆସି ଅତର୍କିତ ଭାବେ ଆକ୍ରମଣ କରିଥିଲା। ପାଟିଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଏକ ଅଟୋରେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା।

### ପଥର ବୋଝେଇ ୨ ଟ୍ରାକ୍ଟର, ଟ୍ରକ୍ ଜବତ

**ଟିଗିରିଆ, ୧୩।୨ (ଡି.ଏନ୍.ଏ.):** ଟିଗିରିଆ ତହସିଲ ପକ୍ଷରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ବେଳେ ୨ ଟ୍ରାକ୍ଟର ଓ ଗୋଟିଏ ଟ୍ରକ ଜବତ କରାଯାଇଛି। ଏବାବଦରେ ୫୭,୧୨୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ବୁଧବାର ସକାଳେ ଟିଗିରିଆ ତହସିଲଦାର ପରେଶ କୁମାର ନାୟକ ଭେଜିଆ ଅଞ୍ଚଳରେ ଚଢ଼ାଉ କରି ୨ଟି କଳା ମେଟାଲ ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ପରେ କୁମ୍ଭାପୁଟ ଅଞ୍ଚଳରୁ ଏକ ମାଙ୍କଡ଼ା ବୋଝେଇ ଟ୍ରକକୁ ଜବତ କରିଥିଲେ। ଜବତ ୨ ଟ୍ରାକ୍ଟରଠାରୁ ୨୭,୧୨୮ ଟଙ୍କା ଏବଂ ଟ୍ରକଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ ଓ ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ସହଯୋଗ କରିଥିଲେ।

### ବାଙ୍କୀ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ

**ବାଙ୍କୀ, ୧୩।୨ (ସ୍ୱ.ପ୍ର):** ବାଙ୍କୀ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତିର ଅଧକ୍ଷ ପୁଷ୍ପଲତା ସାମନ୍ତ ସଭାପତିତ୍ୱ କରିଥିଲେ। ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାରଙ୍କର ୫-ଟି ଓ ମୋ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବାଙ୍କୀର ଧୀରେନ କୁମାର ନାୟକ, ବୀରେନ୍ଦ୍ର କୁମାର ତ୍ରିପାଠୀ, କୁମାରୀ ଋତୁପୂର୍ଣ୍ଣା ମହାପାତ୍ର, କୁମାରୀ ପୁଷ୍ପଲତା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଟକରୁ ସ୍ଥାନାନ୍ତର ହେବ ମଧୁସୂଦନ ଆଇଟିଆଇ

**କଟକ ଅଫିସ, ୧୩।୨**

କଟକ ଏସ୍ସିବି ମେଡିକାଲକୁ ନୂଆ ରୂପ ଦେବା ସହ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଣୁ ଏହାର ଆଖପାଖ ଅଞ୍ଚଳରୁ ଘର, ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏହି କ୍ରମରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ହେଲେ ନୂଆ ଜାଗାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

କଟକ ଜିଲାର ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୦ ମସିହାରେ ବୋସ୍ କ୍ୟାମ୍ପସଠାରେ ଏକ ସରକାରୀ ସିଲେଇ ତାଲିମ କେନ୍ଦ୍ର ଖୋଲାଯାଇଥିଲା। ୨୦୦୯ରେ ଏହାର ଭିତ୍ତିଭୂମି ଏବଂ ବୈଷୟିକ ଉନ୍ନତୀକରଣ କରାଯାଇ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନ ନାମରେ ନାମିତ କରାଯାଇଥିଲା। ଶିଳ୍ପ ତାଲିମ ବ୍ୟବସ୍ଥା ପରଠୁ ଏଠାରେ ଶିକ୍ଷା ଗ୍ରହଣ କରିଥିବା ଅନେକ ଉଦୀୟମାନ ଛାତ୍ରୀଛାତ୍ର ଦେଶର ବଡ଼ ବଡ଼ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ଏହି ଶିକ୍ଷାନୁଷ୍ଠାନ। ବର୍ତ୍ତମାନ ଏଠାରେ ଇଲେକ୍ଟ୍ରୋନିକ୍ସ, ଫିଟର୍, ଇଲେକ୍ଟ୍ରିସିଆନ, ଡ୍ରେସ୍ ମେକିଂ, ସିୱିଙ୍ଗ୍ ଟେକ୍ନୋଲୋଜି ଏବଂ ଡ୍ରାଫ୍ଟସ ମ୍ୟାନ୍ ସିଭିଲ୍ ଭଳି ୬ଟି ଟ୍ରେଡ୍ରେ ୧୮୯ଟି ସିଟ୍ ରହିଛି।

ଏବେ ଏସ୍ସିବି ମେଡିକାଲର ସମ୍ପ୍ରସାରଣ ପାଇଁ ମଧୁସୂଦନ ଶିଳ୍ପ ତାଲିମ ଅନୁଷ୍ଠାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ତେବେ ଏହି ଅନୁଷ୍ଠାନ କେଉଁଠାକୁ ଘୁଞ୍ଚିବ ସେନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ତେବେ ଏହା ପାରାଦୀପକୁ ସ୍ଥାନାନ୍ତର ହେବା ଆଶଙ୍କା ରହିଛି ବୋଲି କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ମହାସଭା ସଭାପତି ଡା. ରବି ରଞ୍ଜନ ସାହୁ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି, ଏବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ବହନ କରୁଥିବା ମଧୁସୂଦନ ଆଇଟିଆଇ ପାରାଦୀପକୁ ସ୍ଥାନାନ୍ତର କରାଯିବା ପାଇଁ ଖୁବ୍ ଜୋରରେ ପ୍ରଶାସନିକ ସ୍ତରରେ ଉଦ୍ୟମ ଚାଲିଛି। ଆସନ୍ତା ଶିକ୍ଷା ବର୍ଷଠାରୁ ଏହି କେନ୍ଦ୍ର ପାରାଦୀପକୁ ସ୍ଥାନାନ୍ତର ହେବା ଆଶଙ୍କା ପ୍ରକାଶ ପାଇଛି। ଏସ୍ସିବି ମେଡିକାଲ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଉକ୍ତ ଅନୁଷ୍ଠାନ ସ୍ଥାନାନ୍ତର ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା କଟକର ସ୍ୱାଭିମାନ ଓ ସଂସ୍କୃତି ପ୍ରତି ଚରମ କୁଠାରାଘାତ ବୋଲି ସେ କହିଛନ୍ତି। ଏହି କ୍ରମରେ କଟକକୁ ଶ୍ରୀହୀନ କରିବା ପାଇଁ ସରକାରୀ ଅଧିକାରୀମାନଙ୍କର ଯେଉଁ ଚକ୍ରାନ୍ତ ଆରମ୍ଭ ହୋଇଛି, ତାହାକୁ ପ୍ରତିହତ କରାଯିବା ନିହାତି ଆବଶ୍ୟକ। ଏହା ନ ହେଲେ ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ଓ ବାଣିଜ୍ୟର ସ୍ନାୟୁକେନ୍ଦ୍ର କଟକ କେବଳ ଇତିହାସରେ ରହିବା ସହ ଏହାର ଭୌଗୋଳିକ ପରିସୀମା ସଙ୍କୁଚିତ ହୋଇଯିବ ବୋଲି ଡା. ସାହୁ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଦୃଷ୍ଟିରୁ ଉକ୍ତ ଅନୁଷ୍ଠାନ ଅନ୍ୟତ୍ର ସ୍ଥାନାନ୍ତର ନ କରି କଟକରେ ପୂର୍ବ ଭଳି କାର୍ଯ୍ୟ କରିବା ପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଶିଶିର କୁମାର ସାହୁ କହିଛନ୍ତି, ଶିକ୍ଷାନୁଷ୍ଠାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ତିନୋଟି ଜାଗା ଦେଖା ହୋଇଛି। ଚୌଦ୍ୱାରଠାରେ ଚିହ୍ନଟ ହୋଇଥିବା ଜାଗାକୁ ସ୍ଥାନାନ୍ତର ହେବାର ସମ୍ଭାବନା ଅଧିକ ରହିଛି। କିନ୍ତୁ ପାରାଦୀପକୁ ଆଦୌ ସ୍ଥାନାନ୍ତର କରାଯିବ ନାହିଁ। ସେଠାରେ ଆଉ ଏକ ଆଇଟିଆଇ ନିର୍ମାଣ ହେଉଥିବା ଯୋଗୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ସେ କହିଛନ୍ତି।

## ଏସ୍ସିବି ମେଡିକାଲକୁ ମିଳିବ ନୂଆ ରୂପ




- ଚୌଦ୍ୱାରରେ ଚିହ୍ନଟ ହୋଇଛି ଜାଗା
- କଟକକୁ ଶ୍ରୀହୀନ କରିବା ପାଇଁ ଚକ୍ରାନ୍ତ



ଫଗୁଣର ଆଗମନରେ କଟକର ଏକ ଆମ୍ବ ଗଛରେ ବଉଳର ସମ୍ଭାର।

# ୧୫ ପଦବୀ ଖାଲି, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**କଟକ ସଦର, ୧୩।୨ (ଡି.ଏନ୍.ଏ.)**

**କଟକ ସଦର ବ୍ଲକ**

କଟକ ଜିଲାର ପ୍ରମୁଖ ବ୍ଲକ ଭାବେ କଟକ ସଦର ବ୍ଲକର ସ୍ୱତନ୍ତ୍ର ପରିଚୟ ରହିଛି। କାରଣ ଏହି ବ୍ଲକ ଜରିଆରେ ବାର୍ଷିକ ୧୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହୋଇଥାଏ। ଏତିକି ଟଙ୍କାର କାର୍ଯ୍ୟ ଜଳସମ୍ପଦ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଖର୍ଚ୍ଚ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଅତିକମରେ ଦୁଇଟି ଡିଭିଜନ ଖୋଲିବାକୁ ପଡିଥାନ୍ତା। ମାତ୍ର ଏତେ ପରିମାଣ ଟଙ୍କାର କାମ ଉକ୍ତ ବ୍ଲକ ଉପରେ ନ୍ୟସ୍ତ ଥିବାବେଳେ ବିଡିଓଙ୍କ ସମେତ ୧୫ଟି ପଦବୀ ଖାଲି ପଡିଛି। ଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ୩ ମାସ ହେବ ବିଡିଓ, ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ବଦଳି ହେବା ପରେ ଏହି ସ୍ଥାନରେ ଆଉ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସାମାଜିକ ଶିକ୍ଷା ଅଧିକାରୀ, ୬ଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କିରାଣୀ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଛି। କାମ ଚଳାଇବା ପାଇଁ ଅତିରିକ୍ତ ବିଡିଓଙ୍କୁ ସ୍ୱତନ୍ତ୍ର କ୍ଷମତା ଜିଲାପାଳ ପ୍ରଦାନ କରିଛନ୍ତି। ସାଲେପୁର ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ କାମଚଳା ଦାୟିତ୍ୱ ଦିଆଯାଇ ଏହି ବ୍ଲକରେ ନିଯୁକ୍ତି ଦିଆଯାଇଛି। ବାର୍ଷିକ ଏତେ ଟଙ୍କାର କାମ ହେଉଥିବା ଜାଣି ସମ୍ପୃକ୍ତ ଯନ୍ତ୍ରୀ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ହତବାକ୍ ହୋଇଯାଇଥିଲେ। ତେଣୁ ଜାନୁୟାରୀ ୨୭ ତାରିଖରେ କିଶୋରନଗରଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଅବଗତ କରାଇଥିଲେ। ଶୀଘ୍ର ପଦବୀ ପୂରଣ କରି ବ୍ଲକ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ୨୩ଟି ପଞ୍ଚାୟତର ଲୋକ ପ୍ରତିନିଧି ଦାବି କରିଛନ୍ତି।

# ଉଠାଦୋକାନୀଙ୍କୁ ମିଳିଲା ଫନୀ ସହାୟତା




ମନ୍ତ୍ରୀ ପ୍ରତାପ ଜେନା ଜଣେ ଉଠାଦୋକାନୀଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

**କଟକ ଅଫିସ, ୧୩।୨**

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ସହରର ୧୯୧୯ଜଣ ଉଠାଦୋକାନୀଙ୍କୁ ରାଜ୍ୟ ସରକାରଙ୍କ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ ରାଜାବଗିଚା ଖେଳ ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। କଟକ ମହାନଗର ନିଗମ(ସିଏମ୍ସି) ରାଜ୍ୟର ପ୍ରଥମ ନିଗମ ଭାବେ ଉଠା ଦୋକାନୀଙ୍କୁ ଫନୀ ସହାୟତା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସହରରେ ୭ଟି ଭେଣ୍ଡିଂ ଜୋନ ତିଆରି କରାଯାଇ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ଏହାଛଡ଼ା ବାଦାମବାଡ଼ି-ମଧୁପାଟଣା, ରାଣୀହାଟ, କଲେଜଛକ, ରେଳଷ୍ଟେଶନ ଆଦି ରାସ୍ତାକୁ ସ୍ମାର୍ଟରୋଡ କରାଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍ପି ଭର୍ତ୍ତୃହରି ମହତାବ ଅତିଥି ଭାବେ ଯୋଗଦେଇ କଟକରେ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଫ୍ଲାଏଓଭର ଓ ଭେଣ୍ଡିଂ ଜୋନ୍ ନିର୍ମାଣ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ହିତାଧିକାରୀଙ୍କ ଆକାଉଣ୍ଟରେ ଅନ୍‌ଲାଇନ ଯୋଗେ ସହାୟତା ରାଶି ଡିପୋଜିଟ୍ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍ସି ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ବିଚିତ୍ରାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କର୍କଟ ପୀଡ଼ିତ ଶିଶୁଙ୍କୁ ସହାୟତା

**କଟକ ଅଫିସ, ୧୩।୨**

କଟକ ଏସ୍ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର କର୍କଟ ପୀଡ଼ିତ ଶିଶୁମାନଙ୍କୁ ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ ତଥା ସାହିତ୍ୟିକା ଡ. ମନୋରମା ମହାପାତ୍ରଙ୍କ ନେତୃତ୍ୱରେ ନାରୀ ସଂଘର ସଦସ୍ୟା ବିଷ୍ଣୁପ୍ରିୟା ତ୍ରିପାଠୀଙ୍କ ପ୍ରଦତ୍ତ ଅର୍ଥରାଶିରେ ଏହି ପୀଡ଼ିତ ଶିଶୁମାନଙ୍କ ପାଇଁ ସୁଷମ ଖାଦ୍ୟ, ବିଭିନ୍ନ କ୍ରୀଡା ସାମଗ୍ରୀ, ଚିତ୍ର କାଗଜ ଏବଂ ତୂଳୀ, ରଙ୍ଗ ଆଦି ଯୋଗାଇ ଦିଆଯାଇଛି। ସଭାନେତ୍ରୀ ମହାପାତ୍ର ପିଲାମାନଙ୍କୁ ଭେଟି ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ। ଏଭଳି କାର୍ଯ୍ୟକୁ ସଂଘ ସମ୍ପାଦିକା ଆଭା କାନୁନ୍‌ଗୋ, ସଙ୍ଗଠନ ସମ୍ପାଦିକା ମୀରା ବେଉରା, ଉପସଭାପତି ଡ. ପ୍ରତିମା ମହାପାତ୍ର, ଡ. ପ୍ରଭାବତୀ ପଣ୍ଡା, କୋଷାଧ୍ୟକ୍ଷ ନୟନତାରା ନନ୍ଦ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟା ମିନାକ୍ଷୀ ମିଶ୍ର ପରିଚାଳନା କରିଥିଲେ। ଏଥିସହ ସଦସ୍ୟାମାନେ ଶିଶୁମାନଙ୍କର ଅଭାବ ଅସୁବିଧା ସମ୍ପର୍କରେ ବିଶେଷଜ୍ଞଙ୍କୁ ପଚାରି ବୁଝିଥିଲେ।

## ଗଜେନ୍ଦ୍ର ନାଥ ମିତ୍ରଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୧୩।୨**

ଓଡ଼ିଶା ଅବସରପ୍ରାପ୍ତ ବୈଷୟିକ ମତ୍ସ୍ୟ ଅଧିକାରୀ ସଂଘ ପକ୍ଷରୁ ମତ୍ସ୍ୟ ବିଭାଗର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅତିରିକ୍ତ ବନ ସଂରକ୍ଷକ ପି. କୃଷ୍ଣମୋହନ ଯୋଗଦେଇ କହିଥିଲେ, ବୈଷୟିକ ଜ୍ଞାନକୌଶଳର ସଫଳ ବିନିଯୋଗ ଦ୍ୱାରା ମତ୍ସ୍ୟଚାଷରେ ଅଧିକ ଉତ୍ପାଦନ ସମ୍ଭବ। ଏହି ଅବସରରେ ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ମତ୍ସ୍ୟଚାଷରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଉମେଶ କୁମାର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମତ୍ସ୍ୟଚାଷ ସମ୍ବନ୍ଧୀୟ ଯୋଜନା ବିଷୟରେ ଅବଗତ କରାଇଥିଲେ। ବୈଷୟିକ ପଦ୍ଧତିରେ ମାଛଚାଷ ରୋଜଗାରର ନିର୍ଭରଯୋଗ୍ୟ ମାଧ୍ୟମ ହୋଇପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଉପସଭାପତି ତପନ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# କଂସେଇଖାନା ନିର୍ମାଣକୁ ବିରୋଧ

**କଟକ ଅଫିସ, ୧୩।୨**

ସହରର ମଧ୍ୟଭାଗରେ କଂସେଇଖାନା ଓ ଗୋ ମାଂସ ବିକ୍ରୟ କେନ୍ଦ୍ର ନିର୍ମାଣକୁ ବିରୋଧ କରିଛି ବିଶ୍ୱ ଗୋ-ସୁରକ୍ଷା ବାହିନୀ। ହାତୀପୋଖରୀ ନିକଟରେ ଖୁବ୍‌ଶୀଘ୍ର ଏଭଳି ଏକ କେନ୍ଦ୍ର ନିର୍ମାଣ ହେବ ବୋଲି କୁହାଯାଉଛି। ଏପରି କି କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ଉକ୍ତ କେନ୍ଦ୍ର ନିର୍ମାଣକୁ ପ୍ରଶ୍ରୟ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ବିଶ୍ୱ ଗୋ-ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ବାରବାଟୀ ଷ୍ଟାଡିୟମ ଓ ଦି ୟୁନିଭର୍ସ ନିକଟରୁ କଂସେଇଖାନା ହଟାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ହେଲେ ଜିଲା ପ୍ରଶାସନ କିମ୍ବା ସିଏମ୍ସି ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନି। ଗୋଶାଳା ନିର୍ମାଣ ପରିବର୍ତ୍ତେ କଂସେଇଖାନା ଅଧିକ ନିର୍ମାଣ କରାଯିବା ଉଦ୍‌ବେଗଜନକ ପ୍ରସଙ୍ଗ। ଏଦିଗରେ ରାଜ୍ୟ ସରକାର ନଜର ଦେବାକୁ ସଭାପତି ପଣ୍ଡା ନିବେଦନ କରିଛନ୍ତି। ଏ ସମ୍ପର୍କରେ ସିଏମ୍ସି କମିଶନର ଅନନ୍ୟା ଦାସ କୁହନ୍ତି, ଏବେସୁଦ୍ଧା କେଉଁ ସ୍ଥାନରେ କଂସେଇଖାନା ଓ ଗୋ ମାଂସ ବିକ୍ରୟ କେନ୍ଦ୍ର ନିର୍ମାଣ ହେବ ସେ ସମ୍ପର୍କିତ ଖବର ମୋ ପାଖେ ନାହିଁ। ତଥାପି ଏ ଦିଗରେ ଧ୍ୟାନ ଦିଆଯିବ।

## ସମାନ କାମକୁ ସମାନ ଦରମା ମିଳୁନି

**କଟକ ଅଫିସ, ୧୩।୨**

ଶ୍ରମ ଆଇନରେ ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଏହାକୁ କଟକ ଅର୍ବାନ୍ କୋ-ଅପରେଟିଭ୍‌ରେ ପାଳନ କରାଯାଉନି। ଏଭଳି ପାତରଅନ୍ତରର ଶିକାର ହୋଇଥିବା ୭୨ଜଣ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ୧୯୯୭ ମସିହାରୁ ଚାକିରି କରିଆସୁଥିଲେ ମଧ୍ୟ ସେମାନଙ୍କୁ ଗ୍ରାଜୁଏଟ୍ ଇନ୍‌କ୍ରିମେଣ୍ଟ ଦିଆଯାଇନାହିଁ। ୨୦୦୯ ମସିହାରେ ସେମାନଙ୍କୁ ନିୟମିତ କରାଯାଇଥିଲା। କିନ୍ତୁ ଅନ୍ୟ ପୁରୁଣା କର୍ମଚାରୀଙ୍କ ଅପେକ୍ଷା ସେମାନଙ୍କୁ ଖୁବ୍ କମ୍ ଦରମା ଦିଆଗଲା। ଜୁନିୟର୍ ଆସିଷ୍ଟାଣ୍ଟଙ୍କ ତୁଳନାରେ ଅଧା ଦରମା ପାଉଛନ୍ତି। ଏଣୁ ତୁରନ୍ତ ସମାନ କାମକୁ ସମାନ ଦରମା ପ୍ରଦାନ କରିବା ପାଇଁ ଏହି ୭୨ଜଣ କର୍ମଚାରୀ ଦାବି କରିଛନ୍ତି।

## ୪ ବଖରା ଜଳିଗଲା: ଯୁବତୀ ଗୁରୁତର

**ନରସିଂହପୁର, ୧୩।୨ (ଡି.ଏନ୍.ଏ.)**

ରୋଷେଇ କଲାବେଳେ ଗ୍ୟାସ୍ ଲିକ୍‌ରୁ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ବଖରା ଜଳିଯାଇଥିବା ବେଳେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ବାଲିଝରୀ ଗ୍ରାମରେ। ଗୁରତର ଜଣକ ହେଲେ ସୁରେନ୍ଦ୍ର ମହାରଣାଙ୍କ ଝିଅ ମୋନାଲିସା ମହାରଣା (୨୦)। ସେ ରୋଷେଇ କରୁଥିବା ବେଳେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ଅନ୍ୟଆଡ଼େ ବ୍ୟାପି ଯାଇଥିଲା। ଘରର ସମସ୍ତ ଆସବାବପତ୍ର ପୋଡିଯାଇଥିବା ବେଳେ ମୋନାଲିସା ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଖବରପାଇ ବାଲିଝରି ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସିଆରିଆ ରାଜସ୍ୱ ନିରୀକ୍ଷକ ଅନୁରାଧା ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ର ଆକଳନ କରିଛନ୍ତି। ବଡମ୍ବା ଇଣ୍ଡେନ ଗ୍ୟାସ୍ ବିତରକ ତନ୍ମୟ ମହାପାତ୍ର ସେଠାକୁ ଯାଇ ଘଟଣା ସମ୍ପର୍କରେ କମ୍ପାନୀକୁ ଅବଗତ କରାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ମନମୋହନ ନାୟକ ଓ ପୂର୍ବତନ ଜିଲାପରିଷଦ ସଭ୍ୟ ମହେଶ୍ୱର ସେଠୀ ଦାବି କରିଛନ୍ତି।



# ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ

**କଟକ ଅଫିସ, ୧୩।୨**

ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ କରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ କଟକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ କଲେଜ ଛକଠାରେ ଅନୁଷ୍ଠିତ ବିକ୍ଷୋଭ ସ୍ଥଳରେ ସଙ୍ଗଠନର କଟକ ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ ସଭାପତିତ୍ୱ କରିଥିଲେ। ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି, କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଦର ବୃଦ୍ଧି କରି ଦେଶର ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଲୋକଙ୍କୁ ଲୁଣ୍ଠନ କରୁଥିବାବେଳେ ଘରୋଇ ତୈଳ କମ୍ପାନୀ ମାଲିକମାନଙ୍କୁ ମାଲାମାଲ କରୁଛନ୍ତି। ୨୦୧୯ ମେ'ରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ରନ୍ଧନ ଗ୍ୟାସ୍‌ର ଦର ୬ ଥର ବୃଦ୍ଧି ଘଟିଛି। ତୁରନ୍ତ ଦର ହ୍ରାସ ଦିଗରେ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହା ନ ହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ କଟକ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ଗମ୍ଭାରୀମୁଣ୍ଡା ସରପଞ୍ଚ ଦାୟିତ୍ୱ ତୁଲାଇବେ ନାଏବ ସରପଞ୍ଚ

**ବେଗୁନିଆ, ୧୩। ୨ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପଞ୍ଚାୟତ ସମିତିର ଗମ୍ଭାରୀମୁଣ୍ଡା ପଞ୍ଚାୟତରେ ଦୀର୍ଘଦିନ ଧରି ରାଜନୈତିକ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଗମ୍ଭାରୀମୁଣ୍ଡାରେ ଅଶାନ୍ତିର ବାତାବରଣ ଲାଗି ରହିଥିଲା। ୧୧ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୮ ଜଣ ସରପଞ୍ଚଙ୍କ ବିରୋଧରେ ଚଳିତ ମାସ ୭ ତାରିଖରେ ଅନାସ୍ଥା ପ୍ରସ୍ତାବ ଭୋଟ ଆଣିଥିଲେ, ଯାହାଦ୍ୱାରା ସରପଞ୍ଚ ତାଙ୍କ ପଦବୀ ହରାଇ ବସିଥିଲେ। ଜିଲା ପ୍ରଶାସନ ପତ୍ର ସଂଖ୍ୟା ନଂ.୧୧୨, ପଞ୍ଚାୟତ ଆଇନ ୧୯୬୪ର ଧାରା ୨୪(୧) ଅନୁସାରେ ଗମ୍ଭାରୀମୁଣ୍ଡା ନାଏକ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମହାରଥୀଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିଲା। ନୂତନ ସରପଞ୍ଚ ନିର୍ବାଚନ ପର୍ଯ୍ୟନ୍ତ କାମଚଳା ସରପଞ୍ଚଙ୍କ ଭାବେ ସେ ଦାୟିତ୍ୱ ତୁଲାଇବେ। ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଦେଖିବାକୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବହୁ ଜନସମାଗମ ହୋଇଥିଲା।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଟଣୀ, ୧୩।୨(ଡି.ଏନ.ଏ.):** ଜଟଣୀ ବ୍ଲକ ଗଙ୍ଗପଡ଼ା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରମାକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଶିକ୍ଷା ବିଭାଗର ଯୁଗ୍ମ ସଚିବ ବୃନ୍ଦାବନ ଶତପଥୀ, ଅତିରିକ୍ତ ନିର୍ଦ୍ଦେଶିକା ପ୍ରୀତି ପ୍ରତିଭା ଭୋଳ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ମହାରଣା, ସୁନୀଲ ରାଉତରାୟ, ସକିରା ଅବନମ୍, ରଶ୍ମିତା ନାୟକ, ଜ୍ୟୋତିର୍ମୟୀ ଛୋଟରାୟ, ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାରେ ଚାମ୍ପିୟନ ମହାବୀର ପ୍ରସାଦ ମିଶ୍ର ଓ ଅଧିକ ନମ୍ବର ରଖିଥିବା ସୂର୍ଯ୍ୟକାନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଜୟ କୁମାର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଦିଲୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ପୂର୍ତ୍ତ ବିଭାଗ ରାସ୍ତା ହେବ ପ୍ରଶସ୍ତୀକରଣ

**ଟାଙ୍ଗୀ (ଖୋର୍ଦ୍ଧା), ୧୩।୨ (ଡି.ଏନ.ଏ.)-** ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀ ଠାରୁ ତେନ୍ତୁଳିଆପଡା ପର୍ଯ୍ୟନ୍ତ ୧୦ କିମି ଦୂରତା ବିଶିଷ୍ଟ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତିକରଣ ନିମିତ୍ତ ଶୁଭାରମ୍ଭ କରାଯାଇଛି। ଏହି ରାସ୍ତାର ପଶସ୍ତିକରଣ ପାଇଁ ୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଗ୍ରାମ ମଧ ଦେଇ ଯାଇଥିବା ରାସ୍ତାକୁ ୭ ମିଟର କଂକ୍ରିଟ କରାଯିବ । ରାସ୍ତାକୁ ୮.୫ ମିଟର ଓସାର କରାଯିବାର ବ୍ୟବସ୍ଥା ଥିଲେ ମଧ କେତେକ ଯାଗାରେ ଜମି ସମସ୍ୟା ରହିଥିବା ଜଣାପଡିଛି। ଟାଙ୍ଗୀ ମଧୁମଙ୍ଗଳ ପଡିଆଠାରେ ଏହି ରାସ୍ତା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ତଥା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ କୁମାର ଦଳେଇ, ଜିଲାପରିଷଦ ସଦସ୍ୟ ସ୍ୱଦେଶ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନଙ୍କ ଉପସ୍ଥିତିରେ କୌଣସି ଯୋଜନା ଓ ବ୍ୟୟ ଅଟକଳ କରାଯାଇ ନ ଥିଲେ ମଧ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ନୂତନ ଗୃହ ନିର୍ମାଣ କରାଯିବା ନିମିତ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଜଣାପଡିଛି ।

# ପ୍ରଶାସନ ଯାତନା ଭୋଗୁଛନ୍ତି ଅଗ୍ନିବିପନ୍ନ

**ବେଗୁନିଆ, ୧୩। ୨ (ଡି.ଏନ.ଏ.)**

- ସହାୟତା ମିଳିବା ଅପେକ୍ଷାର ହେଉନି ଅନ୍ତ
- ୪ ପରିବାରର ପୋଡ଼ିଥିଲା ୧୮ ବଖରା

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ଲୋକିପୁର ଗାଁରେ ୨୦୧୯ ଅଗଷ୍ଟ ପହିଲାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ପ୍ରକୋପରୁ ବର୍ତ୍ତି ପାରି ନ ଥିଲେ ୪ ପରିବାର। ନିମିଷକେ ଭସ୍ମୀଭୂତ ହୋଇଯାଇଥିଲା ୧୮ ବଖରା ଗୃହ ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ହେଲେ ସେବେଠାରୁ ବିପନ୍ନମାନେ ଅଣ୍ଟା ସଳଖି ପାରୁନାହାନ୍ତି। ସେମାନଙ୍କୁ ଏବେ ଯାଏ କୌଣସି ସହାୟତା ରାଶି ମିଳିଲା ନାହିଁ। ପ୍ରଶାସନିକ ଯାତନା ଅଗ୍ନିବିପନ୍ନଙ୍କ ଦୁଃଖକୁ ଦ୍ୱିଗୁଣିତ କରି ଦେଇଛି। ୬ ମାସ ହେଲା ସେମାନେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ତହସିଲ ପ୍ରଶାସନ ପର୍ଯ୍ୟନ୍ତ ସରକାରୀ ସହାୟତା ପାଇବା ଆଶାରେ ଦୌଡି ଦୌଡି ନିରାଶ ହେଲେଣି। ଧୈର୍ଯ୍ୟଧର ଖୁବ୍ କମ ଦିନରେ ମିଳିବ। ରାଜସ୍ୱ ପାଣ୍ଠିରେ ଅର୍ଥ ଅଭାବ ରହିଛି, ଟଙ୍କା ଆସିଲେ ଆପଣଙ୍କୁ ନିଶ୍ଚୟ ମିଳିଯିବ ବୋଲି ଘଟଣା ଘଟିବାର ପରବର୍ତ୍ତୀ ୨ ମାସ ପର୍ଯ୍ୟନ୍ତ ତହସିଲ ପ୍ରଶାସନ ପକ୍ଷରୁ ଏଭଳି ଆଶ୍ୱାସନା ମିଳିଥିଲା। ପରେ ଅକ୍ଟୋବର ୨୯ରେ ଖୋର୍ଦ୍ଧା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପଞ୍ଜୀକୃତ ଅଭିଯୋଗ ନଂ. ୩୦୯୭ ଏବଂ ୨୦୨୦ ଜାନୁୟାରୀ ୧୩ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ପଞ୍ଜୀକୃତ ନଂ. ୮୬୦୬ ଯୋଗେ ୨ ଥର ଅଭିଯୋଗ କରି ସାରିଲେଣି। ଅପେକ୍ଷାରେ ୭ରୁ ୮ ଦିନ ମଧ୍ୟରେ ଆପଣମାନଙ୍କୁ ସହାୟତା ରାଶି ମିଳିଯିବ କୁହାଯାଇଥିଲା। ଏଯାଏ ଟଙ୍କାଟିଏ ବିପନ୍ନମାନଙ୍କୁ ମିଳିନାହିଁ। ତେବେ ସେମାନଙ୍କୁ କେବେ ସହାୟତା ରାଶି ମିଳିବ ସେହି ଅପେକ୍ଷାର ଅନ୍ତ ଘଟିବ ଓ ପ୍ରଶାସନିକ ଯାତନାରୁ ମୁକ୍ତି ମିଳିବ, ସେ ନେଇ ସାଧାରରେ ପ୍ରଶ୍ନ ଉଠିଛି।

ଗାଁର ପୂର୍ଣ୍ଣଚନ୍ଦ୍ର ମାନସିଂହଙ୍କ ସମେତ ୩ ପରିବାରଙ୍କର ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ବହୁ ଧନ ସମ୍ପତ୍ତି ଉଜୁଡି ଯାଇଥିଲା। ବେଗୁନିଆ ଅଗ୍ନିଶମ ଅଧିକାରୀ ଚିଠି ନଂ. ୯୫୪ରେ ଅକ୍ଟୋବର ୨୩ରେ ଫାୟାର ଆକ୍ସିଡେଣ୍ଟ ସାର୍ଟିଫିକେଟ (ଏଫଏସି) ପୂର୍ଣ୍ଣଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଅଗ୍ନିଶମ କେନ୍ଦ୍ରରେ ଏଫଆଇଆର ନଂ. ୪୭/୧୯ ପଞ୍ଜୀକୃତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କୁ ସରକାରୀ ସହାୟତା ପ୍ରଦାନ ପୂର୍ବକ ପ୍ରମାଣପତ୍ର ମିଳିଥିଲା। ବେଗୁନିଆ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ତଦନ୍ତ କରାଯାଇ ସହାୟତା ରାଶି ୯୫ ହଜାର ଟଙ୍କା ମିଳିବ ବୋଲି ସରକାରୀ କାଗଜପତ୍ର ପୂର୍ଣ୍ଣଚନ୍ଦ୍ରଙ୍କୁ ମିଳିଥିଲା। ଅନ୍ୟ ବିପନ୍ନମାନଙ୍କୁ ସ୍ୱଳ୍ପ ପରିମାଣର ସହାୟତା ପ୍ରଦାନ କରାଯିବ ବୋଲି ମଧ ପ୍ରମାଣପତ୍ର ମିଳିଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ଫାଇଲ ଦେଖିଲେ ଯାଇ ଆପଣଙ୍କୁ ସୂଚନା ଦେବି ବୋଲି ସେ କହିଥିଲେ।



ଉଜୁଡି ଯାଇଥିବା ଅଗ୍ନିବିପନ୍ନଙ୍କ ବାସଗୃହ।

# ଆବାସ ଯୋଜନା ତାଲିକାରୁ ଯୋଗ୍ୟ ହିତାଧିକାରୀ ବାଦ୍

## ଜିଲାପାଳଙ୍କ ନିକଟରେ ଅଭିଯୋଗ



ଟାଙ୍ଗିଆପଡା ପଞ୍ଚାୟତର ଲୋକମାନେ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

**ଜଟଣୀ, ୧୩। ୨(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକା ପ୍ରକାଶ ପାଇବା ପରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଏଥିରୁ ବାଦ୍ ଦିଆଯାଇ ଧନିକ ଶ୍ରେଣୀର ଲୋକଙ୍କୁ ଏଥିରେ ସ୍ଥାନ ଦିଆଯାଇଥିବା ଅଭିଯୋଗ ହୋଇଛି। ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡ଼ ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ପଞ୍ଚାୟତର ସରପଞ୍ଚ କଲ୍ୟାଣୀ ଦଳେଇଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ, ବହୁ ପଞ୍ଚାୟତ ବାସିନ୍ଦା ଏହି ଅଭିଯୋଗ କରିଛନ୍ତି। ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି କରିଛନ୍ତି। ସେହିପରି କେରଙ୍ଗ ପଞ୍ଚାୟତରେ ଏପରି ଅନିୟମିତତା ହୋଇଥିବା ନେଇ ବୁଧବାର ଜିଲାପାଳଙ୍କ ନିକଟରେ ଅନେକ ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଥିଲେ।

# ଜଟଣୀରେ ବୃକ୍ଷ ବିଶ୍ୱଶାନ୍ତି ମହାଯଜ୍ଞ

**ଜଟଣୀ, ୧୩। ୨(ଡି.ଏନ.ଏ.):**

ଜଟଣୀ ନିକଟବର୍ତ୍ତୀ ପାତ୍ରପଡ଼ା ଗ୍ରାମସ୍ଥିତ ଶ୍ରୀନାଗେଶ୍ୱର ଦେବଙ୍କ ମନ୍ଦିରରେ ଗୁରୁବାର ଏକ ନିଆରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା। ଠାକୁରଙ୍କ ନିକଟରେ ପ୍ରଥମେ ପୂଜାର୍ଚ୍ଚନା ହୋଇଥିଲା। ଘଣ୍ଟ, ଘଣ୍ଟା, ମୃଦଙ୍ଗ ବାଦ୍ୟରେ ଅନେକ ମହିଳାପୁରୁଷ କଳସ ଧରି ଜଳଯାତ୍ରା କରିଥିଲେ। ତେବେ ବୃକ୍ଷ ପାଇଁ ଏହି ଯଜ୍ଞ ଆୟୋଜିତ ହୋଇଥିଲା। ଏହାକୁ ବୃକ୍ଷ ବିଶ୍ୱଶାନ୍ତି ମହାଯଜ୍ଞ ନାମରେ ନାମିତ କରାଯାଇଥିଲା। ମନ୍ଦିର ପରିସରରେ ପୂଜାର୍ଚ୍ଚନା ସାରି ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ କଳସ ଓ ଗଛ ଧରି ନିକଟବର୍ତ୍ତୀ ଏକ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ବର୍ତ୍ତମାନ ବିଶ୍ୱ ପରିବେଶକୁ ଦୃଷ୍ଟିରେ ରଖି ବୃକ୍ଷରୋପଣର ଆବଶ୍ୟକତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଗ୍ରୀନ୍ ଆର୍ମି ଓ ନାଗେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିଳିତ ଭାବେ ଏପରି ଯଜ୍ଞ ମାଧ୍ୟମରେ ଲୋକଙ୍କୁ ବାର୍ତ୍ତା ଦେବା ପାଇଁ ପ୍ରୟାସ କରାଯାଇଥିଲା। ଗ୍ରୀନ ଆର୍ମିର କମାଣ୍ଡାଣ୍ଟ ସଭାପତି ଦିଲୀପ ଶ୍ରୀଚନ୍ଦନ, ନାଗେଶ୍ୱର ମନ୍ଦିର ପରିଚାଳନା କମିଟିର ଲକ୍ଷ୍ମୀଧର ବିଶ୍ୱାଳଙ୍କ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଦିଲୀପ ଶ୍ରୀଚନ୍ଦନ କହିଥିଲେ, ଉତ୍ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ପ୍ରଦୂଷଣ ବର୍ତ୍ତମାନ ବିଶ୍ୱ ପାଇଁ ବଡ ସମସ୍ୟା ଓ ଆହ୍ୱାନ ଭାବେ ଉଭା ହୋଇଛି। ଏପରି ସମସ୍ୟା ଦୂର ନ ହେଲେ ପୃଥିବୀ ପୃଷ୍ଠରେ ଜୀବଜଗତ ରହିବ ନାହିଁ। ଏଣୁ ବୃକ୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଏକ ନୂତନ ପଦକ୍ଷେପ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନମିତା ପାଲ, ତାରକେଶ୍ୱର ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଶ୍ୱଶାନ୍ତି ଯଜ୍ଞ ଲାଗି ବାହାରିଥିବା କଳସ ଯାତ୍ରା ।

# ଟାଙ୍ଗୀ ବ୍ଲକରେ ଭୁବନେଶ୍ୱର ଏମ୍‌ପିଙ୍କ ସମୀକ୍ଷା

**ଟାଙ୍ଗୀ (ଖୋର୍ଦ୍ଧା), ୧୩।୨ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍‌ର ସମ୍ମିଳନୀ କକ୍ଷରେ ଗୁରୁବାର ମଧ୍ୟାହ୍ନରେ ଆୟୋଜିତ ବୈଠକରେ ଏମ୍‌ପି ଅପରାଜିତା ଷଡଙ୍ଗୀ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା କରିଛନ୍ତି । ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା, ଏମ୍‌ପି ପାଣ୍ଠି ଅନୁଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶୌଚାଳୟ ନିର୍ମାଣ, ପାନୀୟ ଜଳ ଯୋଗାଣ, ଖାଉଟିକାର୍ଡ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ ।

୨୬ ପଞ୍ଚାୟତ ମଧ୍ୟରେ ୧୬୭ ଗ୍ରାମକୁ ନେଇ ଟାଙ୍ଗୀ ବ୍ଲକ୍ ଗଠିତ ହୋଇଥିବା ବେଳେ ଅଦ୍ୟାବଧି ୪୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରି ନ ଥିବା ଓ ସେ ସବୁର କାମ ଚାଲିଥିବା ବୈଠକରେ ସୂଚନା ମିଳିଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣରେ କେତେକ କ୍ଷେତ୍ରରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେବା ପରେ ସେଗୁଡିକୁ ଗୁରୁତର ସହ ଶେଷ କରିବାକୁ ଷଡଙ୍ଗୀ ପରାମର୍ଶ ଦେଇଥିଲେ । କେତେକ ହିତାଧିକାରୀ ପକ୍ଷପାତ ନୀତିରେ ଶିକାର ହେଉଥିବା ଘଟଣା ଆଲୋଚନା ପରିସରକୁ ଆସିଥିଲା । ସେସବୁ ସମସ୍ୟାର ବିହିତ ତଦନ୍ତ କରି ଯଥାଶୀଘ୍ର ଫଇସଲା କରାଯିବ ବୋଲି ସମ୍ପୃକ୍ତ ଅଧିକାରୀଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ । କୁହୁଡି ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ପାଇବା ପରେ ମଧ୍ୟ ବଳକା ଅର୍ଥ ତାଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ଚଳିତମାସ ୧୯ ତାରିଖରେ ଘଟଣାସ୍ଥଳକୁ ଏମପି ନିଜେ ଯାଇ ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଥିଲେ । ତାଙ୍କ ଏମ୍‌ପି ପାଣ୍ଠିରୁ ବଡପାରୀରେ ଏକ କମ୍ୟୁନିଟି ସେଣ୍ଟର ଓ ପ୍ରସିଦ୍ଧ ଶକ୍ତିପୀଠ ମା’ ଉଗ୍ରତାରା ଠାକୁରାଣୀଙ୍କ ପୋଖରୀ ନବୀକରଣ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ ନିମିତ୍ତ ବ୍ଲକ୍ ପ୍ରଶାସନ ତରଫରୁ ତୁରନ୍ତ ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା ଫନୀରେ କ୍ଷତିଗ୍ରସ୍ତ ହୋଇ ନ ଥିବା କୋଠାଘର ବାସିନ୍ଦା ଓ ସରକାରୀ ଚାକିରିଆମାନେ ୯୬ ହଜାର ଟଙ୍କା ଅନୁଦାନ ପାଇଥିବା କଥା ପ୍ରକାଶ କରିଥିଲେ । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ସଂପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ମୋହନ ବେହେରା ସମସ୍ତ ଲିଖିତ ତଥ୍ୟ ଉପସ୍ଥାପନ କରିଥିଲେ । ବ୍ଲକର ସମସ୍ତ ଯନ୍ତ୍ରୀ ଓ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ତଥ୍ୟ ପ୍ରଦାନ କରିଥିଲେ । ଏମ୍‌ପିଙ୍କ ସହିତ ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟ, ବ୍ଲକ୍ ପ୍ରତିନିଧି ପ୍ରଦୋଷ ହରିଚନ୍ଦନ, ଭାଜପା ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, କୁହୁଡି ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ନିରାକାରପୁର ମଣ୍ଡଳ ସଭାପତି ଆଲୋକରଞ୍ଜନ ଛୋଟରାୟ, ବଡପୋଖରିଆ ମଣ୍ଡଳ ସଭାପତି ବିପିନ ବିହାରୀ ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ କନିଷ୍ଠଯନ୍ତ୍ରୀ ଅଶୋକ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ ।



ବୈଠକରେ ଏମପିଙ୍କ ଅନ୍ୟମାନେ ।

### ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଜଟଣୀ, ୧୩। ୨(ଡି.ଏନ.ଏ.):** ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୨୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ହୋତା ସଭାପତିତ୍ୱ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଯୁକ୍ତ ୩ ଛାତ୍ରୀ ସ୍ୱାଗତିକା ମହାପାତ୍ର, ଯୁକ୍ତ ୨ ଛାତ୍ରୀ ମଧୁସ୍ମିତା ହରିଚନ୍ଦନଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ପାଇକ ସଙ୍ଗଠନର ହିମାଦ୍ରୀ ତନୟା ହରିଚନ୍ଦନଙ୍କୁ କଲେଜର ଅଧକ୍ଷ ସ୍ୱର୍ଣ୍ଣପ୍ରଦକ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ସାଧନା ପ୍ରଧାନ, ଅଧ୍ୟାପିକା ସରୋଜା ଷଡଙ୍ଗୀ, ଅଧ୍ୟାପକ ବିଭୂତି ଭୂଷଣ ଦାସ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

### ଶିଶୁ ସୁରକ୍ଷା ସଚେତନତା ଶିବିର

**ଜଟଣୀ, ୧୩। ୨(ଡି.ଏନ.ଏ.)**

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସମନ୍ୱିତ ଶିଶୁ ସୁରକ୍ଷା ସଚେତନତା ଶିବିର ଗୁରୁବାର ଖୋର୍ଦ୍ଧା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଡ. ଏନ୍. ଟୁନା ସାହୁ, ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇଥିଲେ। ସେମାନେ ଶିଶୁ ଅଧିକାର, ସୁରକ୍ଷା, ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ, ସରପଞ୍ଚଙ୍କ କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ୟୁନିଟର ରଞ୍ଜନ କୁମାର ଗୋଛାୟତ, ରୀତାଞ୍ଜଳି ମହାନ୍ତି ଓ ଅନ୍ୟମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ, ତୋଫାନ୍ ସ୍ପୋର୍ଟିଂ ଫାଇନାଲରେ

**ଜଟଣୀ, ୧୩।୨(ଡି.ଏନ.ଏ.)**

ଜଟଣୀ ନିକଟବର୍ତ୍ତୀ ହରିପୁର ଗ୍ରାମ ଖେଳପଡିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ସେମି ଫାଇନାଲ୍ ମ୍ୟାଚରେ ଖୋର୍ଦ୍ଧା ଶରଧାପୁର ଫୁଟ୍‌ବଲ ଆସୋସିଏଶନକୁ ୬-୫ ଟାଇବ୍ରେକରରେ ପରାସ୍ତ କରି ହରିପୁର ତୋଫାନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ପ୍ରିୟବ୍ରତ ବାହିନୀପତି ରେଫରି ରହିଥିବା ବେଳେ ଦିଗ୍‌ବିଜୟ ଦାସ ଓ ସୌମ୍ୟ ପଟ୍ଟନାୟକ ଆସିଷ୍ଟାଣ୍ଟ ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ବୁଦ୍ଧନାରାୟଣ ସ୍ପୋର୍ଟିଂ ଓ କଲଚରାଲ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟ ପରିଚାଳନାରେ ଦୀପକ ଜେନା, ବବୁଲ୍ ନିଶଙ୍କ ଓ ଅନ୍ୟ ସଦସ୍ୟମାନେ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ବାଣପୁର ପଞ୍ଚାୟତ ସମିତିର ଷଷ୍ଠ ବୈଠକ

**ବେଗୁନିଆ, ୧୩। ୨ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ୩୬ ମାସରେ ୬ଟି ସମିତି ବୈଠକ ଅନୁଷ୍ଠିତକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ମଧ୍ୟାହ୍ନରେ ବ୍ଲକ ଅଧକ୍ଷା ରଞ୍ଜିତା ସେଠୀଙ୍କ ଅଧକ୍ଷତାରେ ୬ଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଉପାଧକ୍ଷ ଅଜୟ କୁମାର ରାଉଳ, ବିଡିଓ ଶିବାନନ୍ଦ ସ୍ୱାଇଁ, ଏବିଡିଓ ସୀମାଦ୍ରି ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, କୃଷି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା ଓ ରାସ୍ତାଘାଟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# କେଏଫ୍‌ସି କରଡ଼ାପଲ୍ଲୀ ଚାମ୍ପିୟନ

## କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ

**ବେଗୁନିଆ, ୧୩। ୨ (ଡି.ଏନ.ଏ.)–** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଖୁଦ୍ଦାମୁଲ ଅହମ୍ମଦୀୟା ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ବଜରଙ୍ଗୀ କ୍ଲବ ଘାଟିକିଆ ସହ କେଏଫ୍‌ସି କରଡ଼ାପଲ୍ଲୀ ମଧ୍ୟରେ ଖେଳାଯାଇଛି। ଏହି ମ୍ୟାଚ ବହୁତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଦୁଇଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଟ୍ରାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। କେଏଫ୍‌ସି କରଡ଼ାପଲ୍ଲୀ ୫-୩ ଗୋଲରେ ଟ୍ରାଇବ୍ରେକର ମାଧ୍ୟମରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ମୋହନ ରାୟ ପରିଚାଳନା କରୁଥିବା ବେଳେ ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା, ଗିରିଶ ଚନ୍ଦ୍ର ଯାନୀ, ବିଦେଶୀ ନାୟକ ସାହାଯ୍ୟ କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲାର କ୍ରୀଡା ଅଧିକାରୀ ଲଳିତ ମହାନ୍ତି, ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମ୍ମଦୀୟା ମୁସଲିମ ସଙ୍ଗଠନର ସଭାପତି ମୁନଓର ଅହମ୍ମଦ, ମୌଲାନ ଫରଜାନ ଖାଁ, ମୁନିରୁଦ୍ଦିନ ଖାଁ, ଶରିଫ ମୁହମ୍ମଦ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ଏବଂ ନଗଦ ଅର୍ଥ ରାଶି ମୁଖ୍ୟ ଅତିଥି ମହାନ୍ତି ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି ।

# ରାସ୍ତାରେ ଗୋରୁ: ଦୁର୍ଘଟଣାରେ ଯାଉଛି ଜୀବନ

## କାଞ୍ଜିଆହୁଦା, ଶିଙ୍ଗରେ ରେଡ଼ିୟମ ଷ୍ଟିକର ଲଗାଇବା ଦାବି

**ଜଟଣୀ, ୧୩।୨(ଡି.ଏନ.ଏ.)**

ଜଟଣୀ ମୁଖ୍ୟ ସଡ଼କ ପଥ ସହ ପୌରାଞ୍ଚଳର ପ୍ରମୁଖ ରାସ୍ତା ଉପରେ ଗୋରୁ, ଷଣ୍ଢ ଅବାଧରେ ବିଚରଣ ଓ ଶୋଇ ରହିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ସହ ଦୁର୍ଘଟଣାରେ ଧନଜୀବନ ହାନି ହେଉଛି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନି। ଫଳରେ ସୁରକ୍ଷା ମଞ୍ଚ ଜଟଣୀ ପକ୍ଷରୁ ଏହାର ଆବାହକ ଶିବ ମହାନ୍ତିଙ୍କ ନେତୃତ୍ୱରେ ଅନେକ ସଦସ୍ୟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ ସହ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ କହିଛନ୍ତି। ଜଟଣୀ-ଖୋର୍ଦ୍ଧା ମୁଖ୍ୟ ରାସ୍ତାର ପଦନପୁର ନିକଟରେ ଜାନୁୟାରୀ ୨୪ରେ ଏକ ଗୋରୁ ସହ ବାଇକ୍‌ର ଧକ୍କା ହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଦେଢବର୍ଷ ପୂର୍ବେ ନାଇଜର ଛକ ନିକଟରେ ଜଟଣୀ ମହାବିଦ୍ୟାଳୟର ଅଧ୍ୟାପକ ବିଭୂତି ମହାରଣାଙ୍କ ଗୋରୁ ସହ ଧକ୍କାରେ ମୃତ୍ୟୁ ଘଟିଥିଲା। ୫ ବର୍ଷ ପୂର୍ବେ ଜଟଣୀ ମୁଖ୍ୟ ରାସ୍ତା ଉତ୍ତରାୟଣୀ ମନ୍ଦିର ନିକଟରେ ଏହିପରି ଧକ୍କା ହୋଇ ସ୍ଥାନୀୟ ବିକାଶନଗର ଅଞ୍ଚଳର ବାବୁଲି ପାଣିଗ୍ରାହୀଙ୍କର ମୃତ୍ୟୁ ହୋଇଥିଲା। ରାସ୍ତା ଉପରେ ଗୋରୁ, ଷଣ୍ଢ ଚଳପ୍ରଚଳ ଓ ଶୋଇ ରହୁଥିବାରୁ ବିଶେଷ କରି ରାତି ସମୟରେ ଅଧିକ ସମସ୍ୟା ସୃଷ୍ଟି କରୁଛି। ରାସ୍ତାର ଅନେକ ସ୍ଥାନରେ ଅନ୍ଧାର ଯୋଗୁ ଶୋଇ ରହୁଥିବା ଗୋରୁଙ୍କୁ ଗାଡ଼ି ଚାଳକମାନେ ଦେଖି ପାରୁନାହାନ୍ତି। ଏହାଦ୍ୱାରା ଦୁର୍ଘଟଣା ଘଟି ମଣିଷ ମୃତ୍ୟୁମୁଖରେ ପଡୁଛନ୍ତି। ଅପରପକ୍ଷରେ ଭାରିଯାନ ଧକ୍କାରେ ଗୋରୁ ମଧ ମରୁଛନ୍ତି। ଜଟଣୀ ଅଞ୍ଚଳରେ କାଞ୍ଜିଆହୁଦା ନାହିଁ। ରହିଥିବା କାଞ୍ଜିଆହୁଦା ଦୀର୍ଘବର୍ଷ ହେବ ବନ୍ଦ ରହିଛି। ଏହାଛଡ଼ା ରାସ୍ତା ଉପରକୁ ଗୋରୁ କିପରି ଆସି ନ ପାରିବେ ସେଥିପାଇଁ ଏହାର ମାଲିକ ଓ ଚାଳକ ଉଭୟ ସଚେତନ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଏପରି ସମସ୍ୟା ଦୂର ପାଇଁ ମ୍ୟୁନିସିପାଲିଟି ପକ୍ଷରୁ କାଞ୍ଜିଆହୁଦା ବ୍ୟବସ୍ଥା ସହ ରାସ୍ତା ଉପରେ ଶୋଇ ରହୁଥିବା ଗୋରୁ ଓ ଷଣ୍ଢଙ୍କ ଶିଙ୍ଗରେ ରେଡ଼ିୟମ ଷ୍ଟିକର ଲଗାଯାଉ ବୋଲି ସୁରକ୍ଷା ମଞ୍ଚ ଆବାହକ ଶିବ କହିଛନ୍ତି। ରେଡ଼ିୟମ ଷ୍ଟିକର ଲଗାଇଲେ ରାସ୍ତା ଉପରେ ଗୋରୁ ଶୋଇଥିବା ନେଇ ଦୂରରୁ ଗାଡ଼ି ଚାଳକମାନେ ଜାଣିପାରିବେ ବୋଲି ସେ କହିଛନ୍ତି।



ଯେତେବେଳେ ଜଣେ ଭୁଲ୍ କରି ବସେ ଲୋକେ ତାକୁ ଥଟ୍ଟା କରନ୍ତି, କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି।
-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### କୁଷ୍ଠ ରୋଗ ଚିହ୍ନଟ, ନିରାକରଣ ତାଲିମ

କାକଟପୁର,୧୩।୨(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଆଶିଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୁଷ୍ଠରୋଗ ଚିହ୍ନଟ ଓ ନିରାକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ୪ଟି ସେକ୍ଟର ବାଙ୍ଗୁରୀଗାଁ, ବାଲିଦୋକାନ, ପାଟପୁର ଓ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଶିବିର ହୋଇଛି। ୧୪ରୁ ୨୯ତାରିଖ ପର୍ଯ୍ୟନ୍ତ ଆଶାକର୍ମୀମାନେ ପ୍ରତି ଘରକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବେ। ସନ୍ଦେହ ହେଲେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଜରିଆରେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇ କୁଷ୍ଠରୋଗୀ ଚିହ୍ନଟ କରି ନିରାକରଣ ଲାଗି ପରାମର୍ଶ ଦେବା ସହ ଔଷଧ ଦେବେ। ସଚେତନତା ପାଇଁ ପୋଷ୍ଟର, ବ୍ୟାନର ଯୋଗାଇ ଦିଆଯାଇଛି। ଶିବିରରେ ବ୍ଲକ ପ୍ରକଳ୍ପ ଅଧିକାରୀ ଅମିତ କୁମାର ଉପାଧ୍ୟାୟ, ସୁପରଭାଇଜର ରବିନାରାୟଣ ନାୟକ, ଗଙ୍ଗାଧର ପଣ୍ଡା ଓ ଜ୍ୟୋତିରଞ୍ଜନ ଜେନା ଉପସ୍ଥିତ ଥିଲେ।

### ଅଧ୍ୟାପକଙ୍କ ସ୍ମୃତି ସଭା

କଣାସ, ୧୩।୨(ସ୍ୱ.ପ୍ର.):ଦୟାବିହାର ଜୁନିୟର କଲେଜର ଶିକ୍ଷା ଅଧ୍ୟାପକ ଗୋଲଖ ବିହାରୀ ସାହୁଙ୍କ ବିୟୋଗରେ କଲେଜ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ।

# ସ୍ୱର୍ଗଦ୍ୱାରର ଆଧୁନିକୀକରଣ କାମ ଆରମ୍ଭ

**୩ ମାସରେ ସରିବ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ**
- ପ୍ରଥମେ ତିଆରି ହେବ ୧୪ ମୃତଦେହ ଦାହ ପିଣ୍ଡି
- ସମୁଦ୍ର ପଟୁ ଦେଖାଯିବ ମନ୍ଦିର ସଦୃଶ

ପୁରୀ ଅଫିସ, ୧୩।୨:

ସ୍ୱର୍ଗଦ୍ୱାରର ଆଧୁନିକୀକରଣ କାମ ଆରମ୍ଭ ହୋଇଛି। ଗୁରୁବାର ଏହାର ଭୂମିପୂଜା କରାଯିବା ସହ ମାପଚୁପ ହୋଇ ଚିହ୍ନ ଦିଆଯାଇଛି। ଅତ୍ୟାଧୁନିକ ସୁବିଧା ଉପଲବ୍ଧ ବ୍ୟବସ୍ଥା ହେବାକୁ ଥିବା ସ୍ୱର୍ଗଦ୍ୱାରରେ ପ୍ରଥମେ ଶବଦାହ ପିଣ୍ଡି ନିର୍ମାଣ କରାଯିବ। ଏହାପରେ ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ କାମ ହେବ। ତେବେ ୩ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ କାମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପୁନରୁଦ୍ଧାର କାମ ସରିବା ପରେ ବଦଳିଯିବ ସ୍ୱର୍ଗଦ୍ୱାରର ଚେହେରା। ସମୁଦ୍ର ପଟୁ ମନ୍ଦିର ସଦୃଶ ଏହା ଦେଖାଯିବ। ବର୍ତ୍ତମାନ ଯେତିକି ଜମି ରହିଛି ତାହାରି ଉପରେ ପୁନରୁଦ୍ଧାର କାମ କରାଯିବ। ଆବଶ୍ୟକ ପଡ଼ିଲେ ଅଧିକ ଜମି ପାଇଁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁମାନଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସ ନେଇ ଦୈନିକ ବହୁ ସଂଖ୍ୟାରେ ମୃତଦେହ ଦାହ ପାଇଁ ଆସିଥାଏ। କିନ୍ତୁ ଏଠାରେ ଥିବା ସମସ୍ୟା ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଏ। ମୃତଦେହ ଆଣି ଆସିଥିବା ପରିଜନଙ୍କୁ ଶୋଷଣ ସାଙ୍ଗକୁ ଦାହ କାର୍ଯ୍ୟରେ ବି ହଇରାଣ ହେବାକୁ ପଡ଼ିଥାଏ। ବାହାରୁ ଆସୁଥିବା ଲୋକେ କିଛି କହିପାରନ୍ତି ନାହିଁ, ତିକ୍ତ ଅନୁଭୂତି ସାଉଁଟି ଫେରିଥାନ୍ତି। ତେଣୁ ଅବହେଳିତ ଅବସ୍ଥାରେ ଥିବା ସ୍ୱର୍ଗଦ୍ୱାରରେ ସବୁକିଛି ସୁବ୍ୟବସ୍ଥିତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗଦ୍ୱାରର ଆଧୁନିକୀକରଣ ଲାଗି ଗତବର୍ଷ ନଭେମ୍ବର ପହିଲାରେ ୫କୋଟି ଟଙ୍କା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ହଟାଇ ଦିଆଯିବାକୁ ଘୋଷଣା କରିଥିଲେ। ଏହାପରେ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା। ତେଲଙ୍ଗାନାର ମହାପ୍ରସ୍ଥାନମ୍ ଢାଞ୍ଚାରେ ଏହାର ପୁନରୁଦ୍ଧାର ଲାଗି ନିଷ୍ପତ୍ତି ହୋଇ ନକ୍ସା ପ୍ରସ୍ତୁତ କରାଯାଇଥିଲା। ସ୍ୱର୍ଗଦ୍ୱାର କାର୍ଯ୍ୟର ସଂରଚନା ଏବଂ ନିର୍ମାଣ ନକ୍ସା ହାଇଦ୍ରାବାଦସ୍ଥିତ ଫିନିକ୍ସ ଫାଉଣ୍ଡେଶନ କରିଥିଲା। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପ୍ରସ୍ତୁତ ନକ୍ସାରେ କିଛି ପରିବର୍ତ୍ତନ ପାଇଁ ପରାମର୍ଶ ଦେବା ପରେ ପୁନଶ୍ଚ ଫାଉଣ୍ଡେଶନ ପକ୍ଷରୁ ନୂଆ ନକ୍ସା ପ୍ରସ୍ତୁତ କରାଯାଇଛି। ଗୁରୁବାର ସକାଳେ ଫାଉଣ୍ଡେଶନର ଅଧ୍ୟକ୍ଷ ସି. ସୁରେଶ ସ୍ୱର୍ଗଦ୍ୱାରର ଗୋଟିଏ ଏକର ଜମିରେ ହେବାକୁ ଥିବା ଆଧୁନିକୀକରଣ କାର୍ଯ୍ୟର ନକ୍ସା ଓ ସଂରଚନା ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଫିନିକ୍ସ ଫାଉଣ୍ଡେଶନ ଏବଂ ପୂର୍ତ୍ତ ବିଭାଗର ଓଡ଼ିଶା ସେତୁ ଓ ନିର୍ମାଣ ନିଗମ(ଓବିସିସି)ର ଅଧିକାରୀ ଜିଲାପାଳ ବଲୱନ୍ତ ସିଂଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଫିନିକ୍ସ ଏବଂ ଓବିସିସିର ଅଧିକାରୀମାନେ ସ୍ୱର୍ଗଦ୍ୱାରକୁ ଯାଇ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହାପରେ ଆଧୁନିକୀକରଣ କାମର ଭୂମିପୂଜା କରାଯିବା ସହ ମାପଚୁପ ହୋଇ ଚିହ୍ନ ଦିଆଯାଇଥିଲା।



ଜିଲାପାଳ ବଲୱନ୍ତ ସିଂ ନଡ଼ିଆ ଭାଙ୍ଗି ଶୁଭ ଦେଉଛନ୍ତି।

ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏକାସଙ୍ଗରେ ୧୪ଟି ମୃତଦେହ ଦାହ କରିବା ଲାଗି ୧୪ଟି ପିଣ୍ଡି କରାଯିବ। ଏହାର ନିର୍ମାଣ କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ ହେବ। ତେବେ ଏହି ସମୟରେ ମୃତଦେହ ଦାହରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ତାହାକୁ ନଜରରେ ରଖି କାମ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତୀକ୍ଷାଳୟ, ପ୍ରାୟ ୪୦୦ ଲୋକଙ୍କ ନିମନ୍ତେ ଖୋଲା ସ୍ଥାନ, କାର୍ଯ୍ୟାଳୟ, ଶୌଚାଳୟ, ପୂଜା ଓ ଶ୍ରାଦ୍ଧ ମଣ୍ଡପ, ସଂଲଗ୍ନ ରାସ୍ତାର ନିର୍ମାଣ, ପାର୍କିଂ କାର୍ଯ୍ୟ ପରବର୍ତ୍ତୀ ୩ ମାସ ମଧ୍ୟରେ ଶେଷ କରାଯିବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯେଉଁଠି ସମୁଦ୍ର ଆଳତି କରନ୍ତି ସେଠାରେ କେତେକ ଅବରୋଧ ରହିଛି ତାହାକୁ ମଧ୍ୟ ହଟାଯିବ। ବର୍ତ୍ତମାନ ସ୍ୱର୍ଗଦ୍ୱାରର ୧ ଏକର ଜମିରେ ଏହି ଆଧୁନିକୀକରଣ କାର୍ଯ୍ୟ କରାଯିବ। ପରବର୍ତ୍ତୀ ସମୟରେ ଅଧିକ ଜାଗା ଆବଶ୍ୟକ ହେଲେ ଏ ଦିଗରେ ବି ପଦକ୍ଷେପ ନିଆଯିବ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧିକୁ ଉପଯୁକ୍ତ ସ୍ଥାନରେ ପ୍ରତିଷ୍ଠା କରାଯିବ। ସେହିପରି ଫିନିକ୍ସ ଫାଉଣ୍ଡେଶନର ସୁରେଶ କହିଛନ୍ତି, ଏହି କାମ ସମ୍ପୂର୍ଣ୍ଣ ହେଲେ ସମୁଦ୍ର ପଟୁ ଏହା ଏକ ମନ୍ଦିର ଭଳି ଦୃଶ୍ୟମାନ ହେବ। ଆଉ ଆଗଭଳି ଖୋଲାରେ ମୃତଦେହ ଦାହ କରାଯିବ ନାହିଁ। ଖରା, ବର୍ଷା ଯେ କୌଣସି ସମୟରେ ଦାହ କରାଯାଇପାରିବ।




କରୋନା ସଚେତନତା ଉଦ୍ଦେଶ୍ୟରେ ଗୁରୁବାର ପୁରୀ ବେଳାଭୂମିରେ ମାନସ ସାହୁଙ୍କ ବାଲୁକା କଳା।

### ରାଶନ କାର୍ଡ ହାତେଇ ଧରାପଡ଼ିଲେ ସରକାରୀ କର୍ମଚାରୀ

ପିପିଲି,୧୩।୨(ଡି.ଏନ୍.ଏ.)

ପିପିଲି ବ୍ଲକ ତଥା ଏନ୍ଏସି ଅଞ୍ଚଳରେ ସରକାରୀ କର୍ମଚାରୀ ଓ ୪ଚକିଆ ଯାନ ରଖିଥିବା ବ୍ୟକ୍ତିମାନେ ଜାଲିଆତି କରି ରାଶନ କାର୍ଡ ହାତେଇଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତ କରାଯିବା ପରେ ତାଲିକାରେ ଏମାନଙ୍କ ନାମ ଥିବା ଜଣାପଡ଼ିଥିଲା। ପିପିଲି ବ୍ଲକର ଭାରତୀପୁର ପଞ୍ଚାୟତର ୫ଜଣ, ଚକ୍ରାଦେଇପୁର ପଞ୍ଚାୟତର ୨ଜଣ, ଦାଣ୍ଡମୁକୁନ୍ଦପୁରର ୫ଜଣ, ଗୋବିନ୍ଦପୁରର ୨ଜଣ, ହାଟସାହିର ୩ଜଣ, ଜଗନ୍ନାଥପୁରର ୫ଜଣ, ଯଶୁଆପୁରର ୨ଜଣ, କଣ୍ଟିର ୧୧ଜଣ, ଲକ୍ଷ୍ମୀନାରାୟଣପୁରର ୩ଜଣ, ମଙ୍ଗଳପୁରର ୪ଜଣ, ନୂଆଶାସନର ୩ଜଣ, ପୁନାର ୩ଜଣ, ରୂପଦେଇପୁରର ୩ଜଣ, ସହଜପୁରର ୧ଜଣ, ସରସ୍ୱତୀପୁରର ୭ଜଣ, ତେଇଶପୁରର ୪ଜଣ ସମେତ ୬୩ଜଣ ଏବଂ ଏନ୍ଏସିର ୪ଜଣ ମୋଟ ୬୭ଜଣ ହିତାଧିକାରୀ ଚଞ୍ଚକତା କରି ରାଶନ କାର୍ଡ ନେଇଥିଲେ। ଏହା ଜଣାପଡିବା ପରେ ୭ଦିନ ମଧ୍ୟରେ ସେମାନେ କାର୍ଡ ଫେରସ୍ତ କରିବା ସହ ନେଇଥିବା ଖାଉଟି ସାମଗ୍ରୀ ମୂଲ୍ୟ ଜମା କରିବା ପାଇଁ ନୋଟିସ ଜାରି କରାଯାଇଛି। ବିଭାଗୀୟ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିପିଲି ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ଏହାପରେ ପରିବହନ ବିଭାଗ ଓ ଆୟକର ବିଭାଗ ପକ୍ଷରୁ ଯାଞ୍ଚ କରାଯିବ।

### ନିଖୋଜ ଛାତ୍ରୀଙ୍କ ପତ୍ତା ମିଳୁନି : ୪ ଅଟକ

ବ୍ରହ୍ମଗିରି,୧୩।୨(ଡି.ଏନ.ଏ.):

ବ୍ରହ୍ମଗିରି ଥାନା ଅଞ୍ଚଳରୁ ଜଣେ କଲେଜ ଛାତ୍ରୀ ନିଖୋଜ ଅଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ୨୨ଦିନ ବିତିଯାଇଥିଲେ ମଧ୍ୟ ଯୁବତୀଙ୍କ ପତ୍ତା ପୋଲିସ ପାଇପାରୁ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଏକ କଲେଜର ଛାତ୍ରୀ ଗତ ମାସ ୨୧ ତାରିଖରେ କଲେଜକୁ ଆସି ଆଉ ଘରକୁ ଫେରି ନ ଥିଲେ। ଏ ନେଇ ତାଙ୍କ ପରିବାର ଲୋକେ ଝିଅ ନିଖୋଜ ହୋଇଥିବା ନେଇ ୨୨ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ । ସେହି ଦିନଠାରୁ ପୋଲିସ ଘଟଣାର ଅନୁସନ୍ଧାନ କରୁଥିଲେ ମଧ୍ୟ ଯୁବତୀଙ୍କ କୌଣସି ପତ୍ତା ପାଇପାରୁ ନାହିଁ। ଏନେଇ ପରିବାର ଲୋକଙ୍କ ଚିନ୍ତା ବଢିଯାଇଛି । ବ୍ରହ୍ମଗିରି ପୋଲିସ ବିଭିନ୍ନ ମୋବାଇଲ ଫୋନକୁ ଟ୍ରାକ କରି ଗୁରୁବାର ୪ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

# ନିର୍ଯ୍ୟାସକୁ ନେଇ ୬ ପଏଣ୍ଟ ଏଜେଣ୍ଡା ପ୍ରସ୍ତୁତ

- ବିମ୍‌ଷ୍ଟେକ୍ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଉଦ୍‌ଯାପିତ

ପୁରୀ ଅଫିସ,୧୩।୨:

ଓଡ଼ିଶାର ତିନୋଟି ସ୍ଥାନରେ ତିନିଦିନ ଧରି ଅନୁଷ୍ଠିତ ଦ୍ୱିତୀୟ ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ ଫର୍ ମଲ୍ଟିସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଗୁରୁବାର ପୁରୀରେ ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଡିଆର୍‌ଏଫ୍ ପକ୍ଷରୁ ପ୍ରଥମଥର ଲାଗି ଓଡ଼ିଶାରେ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ ମଙ୍ଗଳବାର ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଥିଲା। ବୁଧବାର କୋଣାର୍କ ନିକଟସ୍ଥ ରାମଚଣ୍ଡୀ ବେଳାଭୂମିରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନ୍ତର୍ଗତ କ୍ଷେତ୍ରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଏହା ଉଦ୍‌ଯାପିତ ହୋଇଯାଇଛି।

ଏହି ତିନିଦିନିଆ କାର୍ଯ୍ୟକ୍ରମରେ ସଦସ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ନେପାଳ, ଭୁଟାନ, ଶ୍ରୀଲଙ୍କା ଓ ମ୍ୟାନ୍‌ମାର ଯୋଗଦେଇଥିଲେ। ଚଳିତବର୍ଷର ଥିମ୍ (ବିଷୟ) ରହିଥିଲା ପ୍ରାକୃତିକ ବିପର୍ଯ୍ୟୟବେଳେ କିପରି ଐତିହ୍ୟସ୍ଥଳୀ ଓ କୀର୍ତ୍ତିରାଜିକୁ ସୁରକ୍ଷା ଦିଆଯାଇପାରିବ। ରାମଚଣ୍ଡୀରେ ଏହାର ନିଚ୍ଛକ ଝଲକ ଦେଖିବାକୁ ମିଳିଥିଲା। ଅଭ୍ୟାସ ବେଳେ ପ୍ରାକୃତିକ ବିପର୍ଯ୍ୟୟର ବାସ୍ତବ ଅନୁଭୂତି ଆଣିବାର ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ଉଦ୍‌ଯାପନୀ ଅବସରରେ ଅନେକ ନିଷ୍ପତ୍ତି ନିଆଯାଇଛି। ଏଥିରେ ଗତ ଦୁଇଦିନର କାର୍ଯ୍ୟକ୍ରମ କେମିତି ରହିଲା ଏବଂ ବିପର୍ଯ୍ୟୟ ସମୟରେ ଏହା କେତେଦୂର ସୁରକ୍ଷା ଦେବାରେ ସହାୟକ ହେବ ତାହା ଉପରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ତୃତୀୟ ବିମ୍‌ଷ୍ଟେକ୍ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସରେ ସୁନାମି ଏବଂ ସାଇକ୍ଲୋନ୍‌ରେ କିଭଳି ଐତିହ୍ୟ, କୀର୍ତ୍ତିରାଜିକୁ ସୁରକ୍ଷା ଦିଆଯିବ ତାହା ଉପରେ ଫୋକସ ରହିବ। ଓଡ଼ିଶାରେ ହୋଇଥିବା କାର୍ଯ୍ୟକ୍ରମର ଏକ ଡକ୍ୟୁମେଣ୍ଟେଶନ କରାଯାଇଛି। ଏହାର ନିର୍ଯ୍ୟାସକୁ ନେଇ ୬ ପଏଣ୍ଟ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି। ପ୍ରତିଟି ଦେଶ ବାରମ୍ବାର ଏଭଳି ଅଭ୍ୟାସ କରିବା ଦରକାର ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସେହିପରି ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଡାଟାବେସ୍ ପ୍ରସ୍ତୁତ ସହ ଐତିହ୍ୟସ୍ଥଳୀର ମ୍ୟାପିଂ କରାଯିବ। ପ୍ରଶିକ୍ଷଣରେ ଐତିହ୍ୟସ୍ଥଳୀର କିଭଳି ସଂରକ୍ଷଣ ଏବଂ ସୁରକ୍ଷା କରାଯିବ ତାହାର ଏକ ମଡ୍ୟୁଲ ତିଆରି ହେବ। ମିଳିତ ବିପର୍ଯ୍ୟୟ ଅଭ୍ୟାସକୁ ନେଇ ପଲିସି ତିଆରି କରାଯିବ। ତାହାକୁ ନ୍ୟାଶନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ନୂତନ ଭତ୍ତା ବଣ୍ଟନ ମେଳା

ସାକ୍ଷୀଗୋପାଳ,୧୩।୨(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ନୂତନ ହିତାଧିକାରୀଙ୍କୁ ଗୁରୁବାର ଭତ୍ତା ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏହି ମେଳାର ମୁଖ୍ୟଅତିଥି ଭାବେ ଯୋଗଦେଇ ୨୪୭୫ଜଣଙ୍କୁ ଗୋଟିଏ ମାସର ଭତ୍ତା ୫ଶହ ଟଙ୍କା ନଗଦ ପ୍ରଦାନ କରିଥିଲେ। ଏହି ବ୍ଲକର ତିନୋଟି ଜିଲା ପରିଷଦର ବୃଦ୍ଧାବୃଦ୍ଧ, ଶାରୀରିକ ଅକ୍ଷମ ହିତାଧିକାରୀଙ୍କୁ ପୃଥକ ପୃଥକ କରି ଭତ୍ତା ସହ ପିଇବା ପାଣି ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ ଓ ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଦେବାଶିଷ ରାୟ ମେଳାରେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପଲେଇ, ଜିପିଓ ମଣ୍ଟୁ ସ୍ୱାଇଁଙ୍କ ସହ ଶଙ୍କର ପ୍ରଧାନ, ସୁନୀଲ ପଣ୍ଡା, ପ୍ରମୋଦ କୁମାର ରାଉତରାୟ, ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିରୁଡ଼ି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ

କଣାସ, ୧୩।୨(ସ୍ୱ.ପ୍ର.):

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ରାଣୀପଡ଼ା ଗ୍ରାମରେ କଳାବିରୁଡ଼ି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଣୀପଡ଼ା ନିକଟ ଦୟାନଦୀ ବନ୍ଧ କଣ୍ଟିଆରେ ଗତ ୩ଦିନ ହେଲା କଳାବିରୁଡ଼ି ଆତଙ୍କ ଦେଖାଦେଇଛି। ବିରୁଡ଼ି ଆକ୍ରମଣରେ ରାଣୀପଡ଼ା ଗ୍ରାମର ରିଙ୍କୁ ପ୍ରଧାନ, ଦୁଷ୍ମନ୍ତ ସୁନ୍ଦରାୟ, ସୁଦର୍ଶନ ସୁନ୍ଦରାୟ ଆହତ ହୋଇଛନ୍ତି। ସେହିପରି ନଦୀବନ୍ଧ ଦେଇଯାଉଥିବା ୭ରୁ ଊର୍ଦ୍ଧ୍ୱ ବାଟୋଇ ମଧ୍ୟ ବିରୁଡ଼ି ଆକ୍ରମଣରେ ଆହତ ହୋଇଥିବା ଜଣାପଡ଼ିଛି।

### ସୟଦ ସୁଲତାନ, ପୀର ବାବାଙ୍କ ବାର୍ଷିକ ଉତ୍ସବ

ବଳଙ୍ଗା,୧୩।୨(ଡି.ଏନ୍.ଏ.)

ଗୋପୀନାଥପୁର ପଞ୍ଚାୟତ ନୂଆଗୋପାଳପୁରଠାରେ ସୟଦ ସୁଲତାନ ବାବା ଏବଂ ପୀର ବାବାଙ୍କ ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥ ମସଜିଦ ଠାରୁ ଏକ ଶୋଭାଯାତ୍ରା ବାହାରି ବଳଙ୍ଗା ବଜାର ଦେଇ ବଳଙ୍ଗା ଥାନା ନିକଟସ୍ଥ ପୀର ବାବାଙ୍କ ଆସ୍ଥାନ ନିକଟରେ ପହଞ୍ଚିଥିଲେ। ମାନସିକଧାରୀମାନେ ବାବାଙ୍କ ଉପରେ ଚାଦର ଚଢ଼ାଇବା ସହିତ ପୂଜାର୍ଚ୍ଚନା କରିଥିଲେ। ଏଥିରେ ନୂଆଗୋପାଳପୁର, ସେରଗଡ, ଡାକେରା,ଗୋପ, ନିମାପଡ଼ା, ମୁକୁନ୍ଦଦାସପୁର, ଖଜାପୁର, ପିପିଲି, ରେଙ୍ଗାଳ, ଦାନଗହିର, ଜଟଣୀ, ନିରାକାରପୁର, ଖୋର୍ଦ୍ଧା, ଭୁବନେଶ୍ୱର ପ୍ରଭୃତି ସ୍ଥାନରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଭଉଣୀ ଭାଇମାନେ ଯୋଗଦେଇଥିଲେ।

# ସତ୍ୟାଗ୍ରହର ସଫଳ ଡିଜାଇନର ଥିଲେ ଗାନ୍ଧିଜୀ

- ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତିପୀଠ ଦିବସ ପାଳିତ

ପୁରୀ ଅଫିସ,୧୩।୨

ଗାନ୍ଧିଜୀ କହୁଥିଲେ ସମାଜର ଯଦି ଶୁଦ୍ଧୀକରଣ ଓ ଦାରିଦ୍ର୍ୟ ଦୂରୀକରଣ ଚାହୁଁଛ, ତେବେ ମଦ ବନ୍ଦ କର। ମଦ ଅଧିକାଂଶ ବସ୍ତି ଅଞ୍ଚଳର ଲୋକ ପିଇଥାନ୍ତି। ମଦରେ ଗରିବି ବଢ଼େ ଆଉ ସଂସାର ଉଜୁଡ଼େ ବୋଲି କହିଛନ୍ତି ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବୁଧବାର ୭୨ତମ ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତିପୀଠ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିଡ଼ା ଏକ ସଚେତନତାଧର୍ମୀ ନାଟକର କଥା କହିଥିଲେ। ନାଟକରେ ଅଭିନୟ କରୁଥିବା ସମ୍ବଲପୁରର ଜଣେ ଝିଅ କହିଥିଲେ, ତାଙ୍କ ଗାଁର ୯୦ ପ୍ରତିଶତ ମହିଳା ହେଉଛନ୍ତି ବିଧବା। ଆଉ ଏହାର କାରଣ ହେଉଛି ମଦ। ସରକାର ମଦରୁ ଅଧିକ ରାଜସ୍ୱ ପାଉଥିବା କହୁଛନ୍ତି। କିନ୍ତୁ ଏହି ରାଜସ୍ୱ ପାଇଁ ଯଦି କାହା ସଂସାର ଉଜୁଡ଼ିଯାଉଛି ତେବେ ସେହି ଟଙ୍କାରେ ରାସ୍ତା, ସ୍କୁଲ, କଲେଜ ତିଆରି ହେଲେ ଲାଭ କ'ଣ ବୋଲି ଝିଅଟି ପ୍ରଶ୍ନ କରିଥିଲେ। ଏହି କଥାକୁ ସମସ୍ତେ ଚିନ୍ତାକରିବା ଆବଶ୍ୟକ ବୋଲି ପରିଡ଼ା କହିଥିଲେ। ଏହାପରେ ସେ ଗାନ୍ଧୀ ଦର୍ଶନରେ ଅର୍ଥନୀତିର ବ୍ୟାଖ୍ୟା କରିଥିଲେ। ସତ୍ୟାଗ୍ରହ ବା ଆନ୍ଦୋଳନର ସଫଳ ଡିଜାଇନର ଥିଲେ ମହାତ୍ମା ଗାନ୍ଧୀ। କେଉଁ ଢଙ୍ଗରେ ସତ୍ୟାଗ୍ରହ କଲେ ସଫଳତା ମିଳିବ ତାହା ତାଙ୍କୁ ଭଲ ଭାବେ ଜଣାଥିଲା। ସେହିପରି ଗାନ୍ଧିଜୀଙ୍କ ପାଖରେ କୌଣସି ଉପାୟ ନ ଥିଲେ ସେ ସମସ୍ୟା ଉତ୍ଥାପନ କରନ୍ତି ନାହିଁ। ଏମିତି ଗାନ୍ଧିଜୀଙ୍କ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ ପରିଡ଼ା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଜିଲାପାଳ ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସର୍ବୋଦୟ ମେଳାର କାର୍ଯ୍ୟକାରୀ ସଭାପତି ଉମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଶିବପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ଦେଇ କହିଥିଲେ, ୧୯୪୮ ଫେବୃୟାରୀ ୧୨ରେ ଗାନ୍ଧିଜୀଙ୍କ ପବିତ୍ର ଚିତାଭସ୍ମ ଥିବା କଳସ ପୁରୀ ମହୋଦଧିରେ ବିସର୍ଜିତ ହୋଇଥିଲା। ୧୯୪୯ରୁ ସେହି ଦିବସକୁ ଗାନ୍ଧୀ ସ୍ମୃତିପୀଠ ପ୍ରତିଷ୍ଠା ଦିବସ ଓ ସର୍ବୋଦୟ ମେଳା ନାମରେ ପାଳନ କରାଯାଇ ଆସୁଛି। ଦ୍ୱିତୀୟ ଅଧିବେଶନରେ ମେଳା କମିଟି ସଭାପତି ଡ. ରାଧାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳ ଖଦି ମଣ୍ଡଳ ସଭାପତି ବୈଷ୍ଣବ ଚରଣ ଦାସ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓ ରାଜକୃଷ୍ଣ ମହାନ୍ତି ଗାନ୍ଧୀଙ୍କ ଅର୍ଥନୀତି ଉପରେ ବକ୍ତବ୍ୟ ରଖିଥିଲେ। ଚଳିତବର୍ଷର ସର୍ବୋଦୟ ମେଳାକୁ ଶିକ୍ଷାବିତ୍, ଗାନ୍ଧିବାଦୀ ସ୍ୱର୍ଗତ ଡ. ମୌସୁମୀ ମଞ୍ଜରୀ ମିଶ୍ରଙ୍କ ସ୍ମୃତିରେ ସମର୍ପିତ କରାଯାଇଛି। ସଭାପତି ଡ. ମହାପାତ୍ର ଗାନ୍ଧୀଙ୍କ କୁଟି ଖାଅ କାଟି ପିନ୍ଧକୁ ସ୍ମରଣ କରି ପ୍ରଥମ ଅଧିବେଶନରେ ମଞ୍ଚରେ ସୂତା ଭିଣିଥିଲେ। ସର୍ବୋଦୟ କାର୍ଯ୍ୟ ପାଇଁ ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସିଭିଲି କୋର୍ଟ ପୁରୀର ବରିଷ୍ଠ କିରାଣି ଲକ୍ଷ୍ମୀପ୍ରିୟା ନାୟକ, ସେବା ଓ ସମର୍ପଣ ଭାବ ପାଇଁ ଜୁନାସ ଟପୋ, ସର୍ବଧର୍ମ ସମନ୍ୱୟ ପାଇଁ ଅବଦୁର ରଜାକଙ୍କୁ ସମ୍ମାନିତ କରାଯାଇଥିଲା। ଗାନ୍ଧୀ ଓ ସ୍ୱଚ୍ଛତା ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ସୁଚିସ୍ମିତା ସାହୁ, ଆକାଶ ଚନ୍ଦ୍ର ସାହୁ ଓ ଅଭିଜିତ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ଗାନ୍ଧୀ ସ୍ମୃତିପୀଠସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଅପରାହ୍ନରେ ଗାନ୍ଧୀ ମୂର୍ତ୍ତି ତଳେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା।

# ମାଟିମଣ୍ଡପ ସାହି ବାଇକ୍ ପାର୍କିଂସ୍ଥଳ ଟେଣ୍ଡର ବାତିଲ

**ଜନଅସନ୍ତୋଷ ପରେ ପଦକ୍ଷେପ ନେଲା ପୌରସଂସ୍ଥା**

ପୁରୀ ଅଫିସ, ୧୩।୨:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ମଧ୍ୟରେ ଥିବା ଏମାର ମଠର ଚକଡ଼ା, ଭୂତଳ କୋଠରି ଏବଂ କେତେକ ବ୍ୟବସାୟିକ କୋଠା ଭଙ୍ଗାଯାଇଛି। ଏହିସବୁ ଜାଗା ଖାଲି ହେବା ପରେ ସେଠାରେ ଲୋକେ ଦୁଇଚକିଆ ଗାଡ଼ି ପାର୍କିଂ କରୁଥିଲେ। ପରବର୍ତ୍ତୀ ସମୟରେ ମାଟିମଣ୍ଡପ ସାହି ଦୁଇଚକିଆ ପାର୍କିଂସ୍ଥଳ ନାଁରେ ପୁରୀ ପୌରସଂସ୍ଥା ପକ୍ଷରୁ ଏହାକୁ ଟେଣ୍ଡର ଦିଆଯାଇଥିଲା। ମାତ୍ର ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଉପୁଜିବା ପରେ ପୌରସଂସ୍ଥା ନିଜ ନିଷ୍ପତ୍ତିକୁ ଓହରିଯାଇଛି। ଏହାର ଟେଣ୍ଡରକୁ ବାତିଲ କରାଯାଇଛି। ଏହି ସ୍ଥାନରେ ଯଦି କୌଣସି ସଂସ୍ଥା ବା ବ୍ୟକ୍ତିବିଶେଷ ପାର୍କିଂ କରାଇ ଟଙ୍କା ଆଦାୟ କରୁଥିବା ନଜରକୁ ଆସିବ ତେବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି।




ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ କରାଯାଉଛି। ତେବେ ଏହା ପୂର୍ବରୁ ଅସୁରକ୍ଷିତ ଥିବା ଏମାର ମଠର କେତେକ ନିର୍ମାଣ ଭାଙ୍ଗିଥିଲା ପ୍ରଶାସନ। ଉଚ୍ଛେଦ ପରେ ସେଠାରେ ଗଛ ଲଗାଯିବା ସହ ଖାଲି ସ୍ଥାନରେ ଲୋକେ ଦୁଇଚକିଆ ଗାଡ଼ି ପାର୍କିଂ କରୁଥିଲେ। ଭକ୍ତମାନେ ଏଠାରେ ବାଇକ୍ ରଖି ଶ୍ରୀମନ୍ଦିରକୁ ଯାଇ ଦର୍ଶନ କରୁଥିଲେ। ସୁବିଧାରେ ଗାଡ଼ି ପାର୍କିଂ କରୁଥିବାରୁ ସମସ୍ତେ ବେଶ୍ ଖୁସି ପ୍ରକାଶ କରୁଥିଲେ। ମାତ୍ର ଗତ ଫେବୃୟାରୀ ପହିଲାରୁ ଏହାକୁ ପୁରୀ ପୌରସଂସ୍ଥା ନିଲାମ ଦେଇଛି। ମାଟିମଣ୍ଡପ ସାହି ଦୁଇଚକିଆ ପାର୍କିଂସ୍ଥଳ ଭାବେ ଏହାକୁ ପୁରୀ ଗୋପୀନାଥପୁରର ଗଣେଶ ବାରିକ ନିଲାମ ନେଇଥିଲେ। ଫେବୃୟାରୀ ୧ରୁ ମାର୍ଚ୍ଚ ୩୧ ଅର୍ଥାତ୍ ୨ ମାସ ପର୍ଯ୍ୟନ୍ତ ୪ଲକ୍ଷ ୨୮ ହଜାର ୫୧୯ ଟଙ୍କାରେ ନିଲାମ ଦିଆଯାଇଥିଲା। ଏଠାରେ ୨ଘଣ୍ଟା ପାଇଁ ୧୦ ଟଙ୍କା, ୬ ଘଣ୍ଟା ପାଇଁ ୨୦ଟଙ୍କା, ୧୨ ଘଣ୍ଟା ଲାଗି ୩୦ ଏବଂ ୨୪ ଘଣ୍ଟା ପାର୍କିଂ କଲେ ୪୦ ଟଙ୍କା ଦେବାକୁ ପଡିବ ବୋଲି ଫି ଧାର୍ଯ୍ୟ ହୋଇଥିଲା। ଗତ ୧ତାରିଖରୁ ପାର୍କିଂ ଫି ଆଦାୟ ଆରମ୍ଭ କରାଯାଇଥିଲା। ତେବେ ସମୟ ଅନୁସାରେ ଫି' ଆଦାୟକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଶ୍ରୀମନ୍ଦିରକୁ ବାଇକ୍‌ରେ ଆସୁଥିବା ଭକ୍ତ ଏଠାରେ ଗାଡ଼ି ରଖି ଦର୍ଶନ ପାଇଁ ଯାଇଥାନ୍ତି। କିନ୍ତୁ ସେମାନେ ମନ୍ଦିରରୁ କେତେବେଳେ ବାହାରିବେ ତାହାର କୌଣସି ଠିକ୍ ଠିକଣା ନ ଥାଏ। ଯଦି ମନ୍ଦିରରେ ନୀତି କିମ୍ବା ଦର୍ଶନ ବିଳମ୍ବ ହୁଏ ତେବେ ଶ୍ରଦ୍ଧାଳୁଙ୍କୁ ଅପେକ୍ଷା କରିବାକୁ ପଡ଼ିଥାଏ। ତେଣୁ ସେମାନେ ପାର୍କିଂ ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ଏହି ପାର୍କିଂ ଫି'କୁ ନିଃଶୁଳ୍କ କରାଯିବାକୁ ଅନେକ ଶ୍ରଦ୍ଧାଳୁ ଦାବି କରିଆସୁଥିଲେ। ସେହିପରି ଐତିହ୍ୟକୁ ଭାଙ୍ଗି ତାହାକୁ ପାର୍କିଂସ୍ଥଳ କରାଯିବାକୁ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରିଥିଲେ। ଯେଉଁ ଉଦ୍ଦେଶ୍ୟ ନେଇ ଏହାକୁ ଭଙ୍ଗାଯାଇଛି ତାହା କରା ନ ଯାଇ ପାର୍କିଂସ୍ଥଳ କରାଯିବା କେତେଦୂର ଠିକ୍ ବୋଲି ପ୍ରଶ୍ନ କରିବା ସହ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ଫଳରେ ଦିନକୁ ଦିନ ଏହାକୁ ନେଇ ବିବାଦ ବଢିଥିଲା। ଏହିସବୁ କାରଣ ଏବଂ ବିବାଦକୁ ନେଇ ପୌରସଂସ୍ଥା ପକ୍ଷରୁ ଏହାର ଟେଣ୍ଡର ବାତିଲ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ କହିଛନ୍ତି, ସେବାୟତ ଏବଂ ଆଖପାଖ ବ୍ୟବସାୟୀଙ୍କ ଗାଡ଼ି ପାର୍କିଂ ପାଇଁ ସେଠାରେ ଏଭଳି ସୁବିଧା କରାଯାଇଥିଲା। ଏଥିସହ ଯେଉଁମାନେ ମନ୍ଦିରକୁ ଦର୍ଶନ ପାଇଁ ଆସୁଛନ୍ତି ସେମାନଙ୍କ ବାଇକ୍ ରଖିବାକୁ ଜାଗା ନ ଥିଲା। ତେଣୁ ଏସବୁକୁ ଦୃଷ୍ଟିରେ ରଖାଯାଇ ମାଟିମଣ୍ଡପ ସାହି ପାର୍କିଂ କରାଯାଇଥିଲା। ଏ ନେଇ ଅଭିଯୋଗ ଆସିବା ପରେ ଏହାକୁ ବନ୍ଦ କରିଦିଆଯାଇଛି।